NAUKABHANGA
(An Oriya Poem)

By
Vajjhala Venkateswarlu, B.A. B.Ed.,
Author of Naukabhangamu, Kamalavilasamu,
and other poetical works, in Telugu,
JEYPORE, (Koraput).

ALL RIGHTS RESERVED
BY THE AUTHOR.

Price Rs. 1-8-0

Digitized by srujanika@gmail.com

ନୌକାଭଙ୍ଗ

ଲେଖକ—
ଶ୍ରୀ ବେଙ୍କଟେଶ୍ୱର କବ

Digitized by srujanika@gmail.com

ନୌକାଭଙ୍ଗ

ମୂଲ୍ୟ ଏକଟଙ୍କା ଅଠଅଣା

ସ୍ୱତ୍ୱ ସବୁ ଲେଖକଙ୍କର ।

ପ୍ରଥମ ମୁଦ୍ରଣ,
ଶକାବ୍ଦ—ଭାଦ୍ରପଦ
ସେପ୍ଟେମ୍ବର, ୧୯୫୭

ମୁଦ୍ରାକର—
ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା ।
ଶଂଚେରମଣି ପ୍ରେସ୍
ବ୍ରହ୍ମପୁର

Digitized by srujanika@gmail.com

ଉତ୍ସର୍ଗ ପତ୍ର

ମୋର ପୁରାତନ ବନ୍ଧୁ

ଏବଂ ଏକଦା ମୋର ସହଶିକ୍ଷକ

ବର୍ତ୍ତମାନ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ମାନ୍ୟବର

ଶ୍ରୀ ସଦାଶିବ ତ୍ରିପାଠୀ ମହୋଦୟଙ୍କ ନାମରେ

ଏହି କ୍ଷୁଦ୍ରଗ୍ରନ୍ଥଟି

ତାଙ୍କ ପ୍ରତି ମୋର ଉଚ୍ଚ ସମ୍ମାନ

ଓ ଅକୃତ୍ରିମ ବନ୍ଧୁତାର ଚିହ୍ନ ସ୍ୱରୂପ

ଉତ୍ସର୍ଗ କଲି ।

ଲେଖକ

Digitized by srujanika@gmail.com

ଭୂମିକା

୨୨ ବର୍ଷ ତଳର କଥା—ମୁଁ ଏହି କୋରାପୁଟ ଅଞ୍ଚଳକୁ ନୂଆକରି ଆସିଥିଲି । ସେତେବେଳେ ସୁବିଖ୍ୟାତ ଇଂରେଜ କବି ଟେନିସନଙ୍କ 'ଇନକ୍ ଆର୍ଡେନ' କବିତାର ଅବଲମ୍ବନରେ ତେଲୁଗୁ 'ନୌକାଭଙ୍ଗ' ନାମକ କାବ୍ୟ ରଚନା କରି ସ୍ୱର୍ଗତ ସାହିତ୍ୟ ସମ୍ରାଟ ଶ୍ରୀ ବିକ୍ରମ ଦେବ ବର୍ମା ମହାରାଜାଙ୍କର ନାମରେ ଉତ୍ସର୍ଗ କରିଥିଲି । ତାହା ଆନ୍ଧ୍ର ବିଶ୍ୱବିଦ୍ୟାଳୟର ବି.ଏ. ପରୀକ୍ଷାର ପାଠ୍ୟ-ପୁସ୍ତକରୂପେ ନିର୍ବାଚିତ ହୋଇଥିଲା ଏବଂ ବର୍ତ୍ତମାନ ଉତ୍କଳ ବିଶ୍ୱ-ବିଦ୍ୟାଳୟର ଇଣ୍ଟରମିଡ଼ିଏଟ୍ ପରୀକ୍ଷାର ପାଠ୍ୟ ପୁସ୍ତକ ରୂପେ ମଧ୍ୟ ନିର୍ବାଚିତ ହୋଇଅଛି । ସେଥିପାଇଁ ଉଭୟ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ମୋର କୃତଜ୍ଞତା ଜଣାଉଅଛି ।

ଦଶ ବାର ବର୍ଷ ତଳର କଥା—ମୁଁ କୋରାପୁଟ ମଧ୍ୟମ ଇଂରାଜୀ ସ୍କୁଲର ପ୍ରଧାନଶିକ୍ଷକ ରୂପେ କାମ କରୁଥିବା ସମୟରେ ଓଡ଼ିଆରେ ଏହି ନୌକାଭଙ୍ଗ ରଚନା ଆରମ୍ଭ କଲି । ତତ୍‌କାଳୀନ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଏଡ୍ୟୁକେସନାଲ୍ ଅଫିସର ଶ୍ରୀ ହରିହର ମିଶ୍ର, ଏମ୍.ଏ., ମୋର ଓଡ଼ିଆ ଲେଖା ପଠନ କରି ମୋର ଚେଷ୍ଟାକୁ ପ୍ରଶଂସା କରିଥିଲେ । ତାଙ୍କର ପ୍ରୋତ୍ସାହନରେ ହିଁ ଏହି ରଚନାଟିକି ପୂର୍ଣ୍ଣ କରି ପାରିଲି । ସେଥିପାଇଁ ତାଙ୍କୁ ମୁଁ ଅଶେଷ ଧନ୍ୟବାଦ ଅର୍ପଣ କରୁଅଛି ।

ଉତ୍କଳ ଭାଷା ପ୍ରତି ମୋର ଶ୍ରଦ୍ଧା ଓ ଉତ୍କଳ କବିତା-ପ୍ରଣୟନରେ ମୋର ଆକାଂକ୍ଷା ଦେଖି ମୋର ବନ୍ଧୁ ଏବଂ ପୂର୍ବେ ମୋର ସହଶିକ୍ଷକ ମାନ୍ୟବର ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ ମୋତେ ସାହିତ୍ୟ-ସେବା ଦିଗରେ ବାରମ୍ବାର ପ୍ରୋତ୍ସାହ

Digitized by srujanika@gmail.com

ଦେଇଛନ୍ତି, ତାଙ୍କର ପ୍ରବର୍ତ୍ତନାରେହିଁ ଏହାର ପ୍ରକାଶନ ସମ୍ଭବପର ହୋଇଛି । ଅତଏବ ମୁଁ ତାଙ୍କ ଠାରେ ଚିରଋଣୀ ।

ମୋର ଅନୁରୋଧ ରଖି ପଣ୍ଡିତ କବିରାଜ—ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା ବିଶେଷ ଶ୍ରମ ସ୍ୱୀକାର କରି ଏହି କାବ୍ୟରେ ଯେପରି ଓଡ଼ିଆ ଭାଷାର ମର୍ଯ୍ୟାଦା ଓ ଢଙ୍ଗ ଅକ୍ଷୁର୍ଣ୍ଣ ରହିବ, ସେଥି ସକାଶେ ବହୁ ମୂଲ୍ୟବାନ୍ ପରାମର୍ଶ ଏବଂ ସୂଚନା ଦେଇଛନ୍ତି, କେବଳ ଏତିକି ନୁହେ ନିଜର ଅଭିମତ ସହିତ ଏହାକୁ ସର୍ବାଙ୍ଗ-ସୁନ୍ଦର ମୁଦ୍ରିତ କରିଛନ୍ତି । ଏଥିପାଇଁ ମୁଁ ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏହି କାବ୍ୟର ବସ୍ତୁ ଇଂରାଜୀରୁ ଗୃହୀତ ହେଲେ ସୁଦ୍ଧା କବିତା ଦୃଷ୍ଟି କୋଣରୁ ଦେଖିଲେ ଏଥିରେ ଅନେକ ନୂତନତା ଦେଖିବାକୁ ମିଳେ । ଏହାର ରଚନା ସମୟରେ ମୁଁ ଜାଣି ନ ଥିଲି ଯେ—ଟେନିସନଙ୍କ ଇନକ୍ ଆର୍ଡେନ୍ ଓଡ଼ିଆରେ ଦାମ ନାଏକ ନାମରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ଦ୍ୱାରା ଆଗରୁ ଅନୂଦିତ ହୋଇ ଯାଇଥିଲା । ସୁତରାଂ ଉକ୍ତ ଅନୁବାଦର ପ୍ରଭାବ ମୋର କାବ୍ୟ ଉପରେ ପଡ଼ିନାହିଁ । ଓଡ଼ିଆରେ ଏହା ମୋର ପ୍ରଥମ ଚେଷ୍ଟା—ଏଥିରେ ନିଶ୍ଚୟ ତ୍ରୁଟି ରହିବ । କିନ୍ତୁ ହୃଦୟଙ୍ଗମ କବିତାର ପଠନଦ୍ୱାରା ରସଜ୍ଞସହୃଦୟମାନେ ଯେଉଁ ଆନନ୍ଦ ଅନୁଭବ କରି ପାରନ୍ତି, ଯଦି ସେହି ଆନନ୍ଦ ମୋର କବିତାରୁ ପାଇ ପାରିବେ, ତାହା ହେଲେ ମୋର ପରିଶ୍ରମ ସାର୍ଥକ ହେବ । ମୋର ଆଶା ଏହି ଯେ ମୋର ତେଲୁଗୁ ନୌକାଭଙ୍ଗ ପରି ଓଡ଼ିଆ ନୌକାଭଙ୍ଗ ମଧ୍ୟ ଉତ୍କଳ ଓ ଅନ୍ଧ୍ର ବିଶ୍ୱବିଦ୍ୟାଳୟ ଦୁଇଟିର ସମାଦର ପାତ୍ର ହେବ ।

ଜୟପୁର
ବିଜୟା—ଦଶହରା

ଲେଖକ

Digitized by srujanika@gmail.com

ଅଭିମତ

ନୌକାଭଙ୍ଗ ଶିବଗ୍ରାମଣି ପ୍ରେସରେ ଛପା ହେବା ବେଳୁ ମୋର ପରିଚିତ । ଜୟପୁରର ଉଚ୍ଚ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଶ୍ରୀ ବେଙ୍କଟେଶ୍ୱର କବିଙ୍କ ପ୍ରଥମ ଓଡ଼ିଆ କାବ୍ୟ । କବି ଏହା-ପୂର୍ବରୁ "ନୌକାଭଙ୍ଗମ୍" ନାମରେ ତେଲୁଗୁରେ ଏହି କାବ୍ୟର ବିଷୟବସ୍ତୁ ସୁରୁଚିରୂପେ ସନ୍ନିବେଶିତ କରି ଅଛନ୍ତି । ତାଙ୍କର ତେଲୁଗୁ ସଂସ୍କରଣ ବିଶେଷ ଆଦର ଲାଭ କରିଛି । ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟର ପାଠ୍ୟପୁସ୍ତକରୂପେ ମଧ୍ୟ ନିର୍ବାଚିତ ହୋଇଅଛି । ନିଜର ଆନ୍ଧ୍ର ସାହିତ୍ୟ କୃତିତ୍ୱ ଓଡ଼ିଆରେ ମଧ୍ୟ ପ୍ରକାଶ କରିବାକୁ ଚେଷ୍ଟା କରି ଅଛନ୍ତି । ସେ କେତେଦୂର ସଫଳ ହୋଇ ଅଛନ୍ତି—ସହୃଦୟ ପାଠକମାନେ ହୃଦୟଙ୍ଗମ କରିପାରିବେ । ଏକ ଆନ୍ଧ୍ର-କବିଙ୍କ ପକ୍ଷେ ଓଡ଼ିଆ କାବ୍ୟ ଲେଖିବା ବିଶେଷ ଆଦର ଓ ସମ୍ଭାବନାର ବିଷୟ ।

ନୌକାଭଙ୍ଗ ମୌଳିକ କାବ୍ୟ ନୁହେଁ—ଏହା ପ୍ରସିଦ୍ଧ ଇଂରେଜ କବି ଟେନିସନଙ୍କର 'ଇନକ୍ ଆଡେନ୍' କାବ୍ୟର ଛାୟା ମାତ୍ର । ନୌକାଭଙ୍ଗ 'ଇନକ୍ ଆଡେନ୍'ର ଅବିକଳ ଅନୁବାଦ ନୁହେଁ । ଇଂରାଜୀ ଆଚାର-ବ୍ୟବହାରର ଛାୟା କାବ୍ୟରେ ପ୍ରତିଫଳିତ ହେଲେ ମଧ୍ୟ କବି କାବ୍ୟକୁ ଭାରତୀୟ ରୁଚିର ଅନୁକୂଳ କରିବାକୁ ବିଶେଷ ଚେଷ୍ଟା କରି ଅଛନ୍ତି ଏବଂ

Digitized by srujanika@gmail.com

ସଫଳ କାମ ହୋଇଅଛନ୍ତି । କାବ୍ୟର ଛତ୍ରେ ଛତ୍ରେ ସହୃଦୟ ପାଠକମାନେ ଏହା ଉପଲବ୍‌ଧି କରିପାରିବେ । ଇନେକ୍ ଅଡେନର ବିଷୟବସ୍ତୁକୁ ବିଶ୍ଳେଷଣ କରି 'ସାଙ୍ଗ ସୁଖ', 'ବିଚ୍ଛେଦ' 'ସାନ୍ତ୍ୱନା' ଇତ୍ୟାଦି ରୂପରେ ବିଭକ୍ତ କରିଅଛନ୍ତି । ଶ୍ରୀଧର, ବସନ୍ତ, ନିର୍ମଳା—ଇତ୍ୟାଦି ନାମଗୁଡ଼ିକ ମଧ୍ୟ ଭାରତୀୟ ସ୍ୱରୂପ ଧାରଣ କରିଅଛି ।

କବି ଟେନିସନଙ୍କର କାବ୍ୟ ସତୀତ୍ୱ, ପ୍ରେମ ଓ କର୍ତ୍ତବ୍ୟର ସଂଘର୍ଷଣର ପ୍ରତୀକ । ସ୍ତ୍ରୀମାନଙ୍କର ସତୀତ୍ୱ ଆଦର୍ଶ ଅକୃତ୍ରିମ ପ୍ରେମ ଓ କର୍ତ୍ତବ୍ୟନିଷ୍ଠା ନେଇ ଭାରତୀୟ ଭାରତୀଭଣ୍ଡାରରେ ଅସଂଖ୍ୟ କାବ୍ୟରତ୍ନ ଜାଜ୍ୱଲ୍ୟମାନ । ପ୍ରକୃତ କାବ୍ୟରେ ନିର୍ମଳାର ସତୀତ୍ୱ, ଶ୍ରୀଧରର ପ୍ରେମ ଓ ବସନ୍ତର କର୍ତ୍ତବ୍ୟନିଷ୍ଠାକୁ ବିଭିନ୍ନ ଦୃଷ୍ଟି-କୋଣରୁ ବିଭିନ୍ନରୂପେ ସମାଲୋଚନା କରାଯାଇପାରେ । ପ୍ରତ୍ୟେକ କୋଣରେ ବାସ୍ତବତା ବିଦ୍ୟମାନ କରି, ପ୍ରତ୍ୟେକ କ୍ଷେତ୍ରରେ ଚରିତ୍ର ଅସ୍ପୃଷ୍ଟରୂପେ ଚିତ୍ରିତ କରି ଅଛନ୍ତି । ବସନ୍ତଗତପ୍ରାଣା ନିର୍ମଳା ନିଜ ସନ୍ତାନ ସନ୍ତତିଙ୍କ ପ୍ରତି କର୍ତ୍ତବ୍ୟ ଦୃଷ୍ଟିରୁ ଶ୍ରୀଧରର ଅଯାଚିତ ଉପକାର ପ୍ରତ୍ୟାଖ୍ୟାନ କରି ନପାରି କୃତଜ୍ଞତା-ପାଶରେ ଆବଦ୍ଧ ହୋଇ ନିଜର ଏକପତିବ୍ରତତା ରକ୍ଷା କରିବାକୁ ସମର୍ଥ ହୋଇ ପାରି ନାହିଁ । ନିର୍ମଳାଗତ—ପ୍ରାଣ ଶ୍ରୀଧର ପ୍ରଣୟ

Digitized by srujanika@gmail.com

ସଙ୍ଗ୍ୟରେ ଆଘାତ ପାଇ ଭଗ୍ନ ମନୋରଥ ହେଲେ ମଧ୍ୟ ଧୈର୍ଯ୍ୟ ଓ ସହିଷ୍ଣୁତା ବଳରେ ନିଜର ସ୍ରଷ୍ଟୃ ପିପାସା ଚରିତାର୍ଥ କରି ପାରିଛନ୍ତି । ବସନ୍ତ ପତ୍ନୀ ଓ ସନ୍ତାନ-ସନ୍ତତିଙ୍କ ପ୍ରତି କର୍ତ୍ତବ୍ୟ ଦୃଷ୍ଟିରୁ ନିଜ ସୁଖରେ ଜଳାଞ୍ଜଳି ଦେଇଛନ୍ତି ଏବଂ ସ୍ୱପତ୍ନୀର ସୁଖ ସ୍ୱାଚ୍ଛନ୍ଦ୍ୟରେ ନିଜକୁ ଆହୁତି କରି ଦେଇଛନ୍ତି । ବସନ୍ତର ପ୍ରଗାଢ଼ ପ୍ରେମ, ଦୁର୍ଦ୍ଦମନୀୟ କର୍ତ୍ତବ୍ୟ ଓ ଅସାଧାରଣ ତ୍ୟାଗ ପାରିଜାତକୁସୁମର ସୌରଭରେ ସବୁବେଳେ ମହକି ଉଠିଛନ୍ତି ।

କାବ୍ୟ ବର୍ଣ୍ଣିତ ନାୟକ ନାୟିକାଙ୍କର ମାନସିକ ସଂଘର୍ଷଣ କବିଙ୍କ ନିପୁଣ ତୂଳିକାରେ ଅନୁରଞ୍ଜିତ ହୋଇ ପାଠକମାନଙ୍କର ଉପଭୋଗର ବିଷୟ ହୋଇଅଛି । ନିର୍ମଳ ପ୍ରତି ଶ୍ରୀଧର ଓ ବସନ୍ତର ଅକୁଣ୍ଠିତ ଓ ପ୍ରଗାଢ ପ୍ରୀତି ତଥା ନିର୍ମଳାର ଉଭୟଙ୍କ ପ୍ରତି ଅସାଧାରଣ ଅନୁରାଗକୁ ରସାଭାସ କୁହାଯାଇ ପାରିବ ନାହିଁ, କାରଣ ପ୍ରତି କ୍ଷେତ୍ରରେ ଔଚିତ୍ୟ ପୂରି ରହିଛି । ଏହି ଔଚିତ୍ୟ ରକ୍ଷା କରି କବି କାବ୍ୟକୁ ଅମୀୟ ସୁଷମାରେ ପରିପ୍ଲୁତ କରି ଅଛନ୍ତି ।

ନୌକାଭଙ୍ଗର ଭାଷା ପ୍ରାଞ୍ଜଳ ଓ ହୃଦୟସ୍ପର୍ଶୀ । କବି ପୂର୍ଣ୍ଣ-ମିତାକ୍ଷରତା ରକ୍ଷା କରିବାକୁ ଯାଇ ସ୍ଥାନେ ସ୍ଥାନେ ଭାଷାକୁ ଟିକିଏ କ୍ଲିଷ୍ଟ କରି ଅଛନ୍ତି । ଭାବ, ବର୍ଣ୍ଣନା ଓ ବିଷୟ ଦୃଷ୍ଟିରୁ

Digitized by srujanika@gmail.com

କାବ୍ୟଟି ପାଠକମାନଙ୍କର ମନ ଆକର୍ଷଣ କରିବ ବୋଲି ମୋର ବିଶ୍ୱାସ ।

କବି ଟେନିସନଙ୍କର 'ଇନକ୍ ଆର୍ଡେନ' କାବ୍ୟ ଅବ-ଲମ୍ବନରେ ଓଡ଼ିଶାର ପ୍ରସିଦ୍ଧ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶ 'ଦାସ ନାଏକ', ନାମକ କାବ୍ୟ ଲେଖି ଅଛନ୍ତି । ଏହା ' କୁର'ରେ ଧାରାବାହିକଭାବରେ ପ୍ରକାଶିତ ହେଉଥିଲା । ୧୯୨୪ ସାଲରେ ପ୍ରକାଶିତ ହୋଇଅଛି । ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶ ହଜାରିବାଗ୍ ଜେଲ୍‌ରେ ଥିଲାବେଳେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷା ତ୍ୟାଗ କରି ସାଧାରଣ ଲୋକେ ବୁଝିବା ଭାଷା ଓ ଭାବରେ 'ଦାସ ନାଏକ' ଲେଖି ଅଛନ୍ତି । ନୌକାଭଙ୍ଗ ଓ ଦାସ ନାଏକର ତୁଳନା ଓ ପାରସ୍ପରିକ ବିଭେଦ ସହୃଦୟ ପାଠକମାନଙ୍କର ବିଚାରକୁ ଛାଡ଼ି ଦେଉଅଛି । ଇତି ।

ଶ୍ରୀ ଅନନ୍ତ ତ୍ରିପାଠି ଶର୍ମା

୧୭—୧୦—୫୩

Digitized by srujanika@gmail.com

ନୌକାଭଙ୍ଗ

ସାଙ୍ଗସୁଖ

ନିତମ୍ବ-ଲମ୍ବିତ କୁଟିଳ ନୀଳ କୁନ୍ତଳ-ରାଶି
ଏଣେ ତେଣେ ଉଡେ ଚଞ୍ଚଳେ ବାତ-ସ୍ରୋତରେ ଭାସି;
ଚଞ୍ଚଳ ଚକିତ ମେଚକ ଚଞ୍ଚରୀକ-ନୟନରେ
କିବା ମଧୁମୟ କୋମଳ ଆଶା ନର୍ତ୍ତନ କରେ;
ବୁଲୁଥାଇ ଖୋଜି କାହାକୁ ସିନ୍ଧୁ କୂଳ ପୁଳିନେ
ପ୍ରଣୟ-ପୂରଣ ହୃଦୟେ ଏକ ବାଳିକା ଦିନେ ।
ଲଗିଯାଏ ବାଲି ଭିତରେ ବାଳା ମୃଦୁ ଚରଣ
ଥଇଁ ଥାଇଁ ଚାଲି ନ ପାରେ, ହୁଏ ମଳିନ ମନ
ସୁବର୍ଣ୍ଣ-ସ୍ୱରୁଚି-ସୁନ୍ଦର ସୁକୁମାର ଶରୀରେ
ଶାନ୍ତ ସୂର୍ଯ୍ୟ ସାନ୍ଧ୍ୟ ସୁଷମା ଶୋଭେ ନବ ଶିଶିରେ;
ବିନ୍ଦୁ ବିନ୍ଦୁ ଫୁଟି ଲଲାଟେ ଝାଳ ଦେଉଛି ଦେଖା
ଲିଭୁଛି ତରଳି ଅରୁଣ ରମ୍ୟ କୁଙ୍କୁମ ରେଖା;
ଶ୍ରାନ୍ତ କ୍ଷୀଣ ତନୁ ସୈକତେ ଢାଳି ଦେଇ ବାଳିକା
ବସିଛି ଯେସନ ମଉଳି ଯାଏଁ ମଲ୍ଲି କଳିକା ।

Digitized by srujanika@gmail.com

"ସଖି, ସଖି," ଡାକ ଶୁଭିଲା ବେନି ସଙ୍ଗାତଙ୍କର,
ଚିର ପରିଚିତ ଗଳାର ପ୍ରୀତି-ମଧୁର ସ୍ୱର;
ସନ୍ତାପିତ ପ୍ରାଣ ହୋଇଲା କ୍ଷଣେ ଶାନ୍ତ-ଶୀତଳ,
ଉଲ୍ଲାସେ ବିକାଶି ଉଠିଲା ତାର ମୁଖ ମଣ୍ଡଳ ।
ପରମଆନନ୍ଦନିଧାନ ବାଲ୍ୟ କିବା ଅମୂଲ୍ୟ,
ମାନବର ଯେତେ ଅବସ୍ଥା ନୁହେ ଯାହାର ତୁଲ୍ୟ;
ପରିଣାମଶୀଳ କୋମଳ ଚିତ୍ତ ବୃତ୍ତି ଯାହାର
ଭୁଲଇ ପଲକେ ଅଜଣା ଦୁଃଖ କଥା ବିସ୍ତର ।
ପରସ୍ପର ଭୁଜ ଉପରେ ଦୃଢ ଅବଦ୍ଧ ବେଗେ
ଛନ୍ଦ ନିଜ ବାହୁଯୁଗଳ ଉର୍ଦ୍ଧ୍ୱ ସମ୍ମୁଖ ଆଗେ;
ମିଳି ତିନିଜଣ ହସିଲେ, ହେଲେ କଥା ବାରତା,
ସଙ୍ଗାତଙ୍କ ମଧ୍ୟେ ସଙ୍ଗିନୀ ସଉନ୍ଦର୍ଯ୍ୟ ଦେବତା ।

ବୁଲନ୍ତି, ଖେଳନ୍ତି, ନାଚନ୍ତି, ଅବା ଗାଆନ୍ତି ଗୀତ
ସାଗର କୂଳରେ ବାଳକ-ଦ୍ୱୟ କନ୍ୟା ସହିତ;
କିଶୋର କିଶୋରୀ ପଦାଙ୍କ ଧୋଇ ଯାଏ ଉଚ୍ଛଳଇ
ସହସା ଉତ୍ଥିତ ଚଞ୍ଚଳ ଭଙ୍ଗା ଲହଡ଼ୀ ଦେଇ;
ତାଙ୍କର ଗଳାରୁ ବାହାରି ବାୟୁ ପଥରେ ସ୍ଫୁରି
ହୁଏ ଲୀନ ବୀଚି-ଗମ୍ଭୀର-ଘୋଷେ ଗୀତ ମାଧୁରୀ;
ଅର୍ଦ୍ର ବାଲୁକାରେ ତୋଳନ୍ତି ବେଳେ ବେଳେ ଅଟ୍ଟାଳୀ,
ଦେଖି ତାର ଭଙ୍ଗ ତରଙ୍ଗେ ହସି ମାରନ୍ତି ତାଳି;
ପିଲା ବୟସର ତାଙ୍କର ଏହି ଖେଳ ଭିତରେ
କି ଏକ ରହସ୍ୟ ସୃଷ୍ଟିର ଲୁଚି ରହେ ଗୁପ୍ତରେ !

Digitized by srujanika@gmail.com

ତାହାଙ୍କ ନିବାସ ଗୋଟିଏ କ୍ଷୁଦ୍ର ଗ୍ରାମେ, ଯାହାର
ପ୍ରାଚୀ ଦିଗେ ଅଗ୍ରେ ସାଗର ଦିଶେ ବୃହଦାକାର;
ରମ୍ୟ ଉପତ୍ୟକା ପଶ୍ଚିମେ, ତହିଁ କାନନ ବାଟୀ,
ଉତ୍ତର ଦକ୍ଷିଣ ଦିଗରେ ଉଚ୍ଚ ପାହାଡଘାଟି ।
ଜମିଦାର ପୁଅ ଶ୍ରୀଧର ଅଟେ ସେ ବଡ ଧନୀ,
ଶଇଶବ ବେଳେ ତାହାକୁ ଛାଡି ଗଲେ ଜନନୀ;
ଗରିବ ଛେଉଣ୍ଡ ବସନ୍ତ, ବାଳା ନିର୍ମଳା ତଥା,
ଶ୍ରୀଧର-ଆଶ୍ରୟୁଁ ଜାଣନ୍ତି ନାହିଁ ଅଭାବକଥା;
ସାଙ୍ଗ ସୁଖେ ମଜ୍ଜି ନ ଜାଣେ ତାଙ୍କ କୋମଳ ମତି
ଐଶ୍ୱର୍ଯ୍ୟ ଦାରିଦ୍ର୍ୟ ପ୍ରଭେଦ, କାଳ ସ୍ରୋତର ଗତି !

କେବେ କେବେ ତିନି ସଙ୍ଗାତ ଯାଇ କାନନ ଛୁଲେ
ମାତି ଥାନ୍ତି ଘର କରିବା ଖେଳେ କଉତୁହଳେ;
ସବୁ ବେଳେ ସାଜେ ଗୃହିଣୀ କନ୍ୟା ନିର୍ମଳା ଖେଳେ,
ବସନ୍ତ ଶ୍ରୀଧର ସାଜନ୍ତି ସ୍ୱାମୀ ଏକ କେତେ ବେଳେ;
ଖେଳେ ଗୃହୀ ହେବା ଆଶାରେ ଜଣେ ଜଣଠୁଁ ବଳି
କାଳେ ଶିଶ୍ରୀଧର ବସନ୍ତ ଯଦି କରନ୍ତି କଳି,
"ହେବ ଦୁହିଙ୍କର ଘରଣୀ, କିପାଁ କରୁଛ କଳି ?
ବୋଲି କଳହର ନିଷ୍ପତ୍ତି କରିଦିଏ ସୁନ୍ଦରୀ ।

ବିତିଲା କେତେକ ସମୟ ମୋଦେ ଭରି ହୃଦୟ,
ସୁଶାନ୍ତ କିଶୋର ଦଶାର ଉଷା ଭଜିଲା ଲୟ,

Digitized by srujanika@gmail.com

ଯୌବନ-ଅରୁଣ-ଉଦୟେ ମିତ୍ର-ଚନ୍ଦ୍ରଙ୍କ ମୂର୍ତ୍ତି
ପ୍ରକାଶିଲା ଅଙ୍ଗ ପ୍ରତ୍ୟଙ୍ଗେ ନବ ଲାବଣ୍ୟ ସ୍ଫୂର୍ତ୍ତି ।
ଶ୍ରୀଧରର ପ୍ରେମ ହୃଦୟେ ଲଭି ରହିଲା ଦୃଢ଼,
ନିବିଡ଼, ନିର୍ମଳ, ନୀରବ, ତାହା ଅତି ନିଗୂଢ଼,
ଅତିଶୟ-ଲଜ୍ଜା-କଳିକା-ମଧ୍ୟ-ଗୁପତ-ପ୍ରାଣେ
ସଞ୍ଚିତ ସୌରଭ ସମ୍ପତ୍ତି କିଏ କି କାଳେ ଜାଣେ ?
ହୃଦେ ପ୍ରୀତି ଉଠି ଉଚ୍ଛୁଳି ପଡ଼ି ହେଲା ବାହାର
ବସନ୍ତର ଗୂଢ଼ ପ୍ରଣୟ, ପରିଶୁଦ୍ଧ, ଉଦାର;
ବସନ୍ତ-ପ୍ରଫୁଲ୍ଲ-ପ୍ରଶସ୍ତ ପୁଷ୍ପ ଦଶେ ସୁନ୍ଦର,
ତାହାର ମଧୁର ସୁଗନ୍ଧ ନୁହେ କି ମନୋହର ?
ନଗ୍ନ କରି ସବୁ ଫିଟାଇ ନିଜ ନିଜ ହୃଦୟ
ମୁହେଁ ମୁହେଁ ଝାଟି ଦେଖିଲେ ପରସ୍ପର ପ୍ରଣୟ
ନିର୍ମଳ ବସନ୍ତ ଉଲ୍ଲାସେ ଦେଲେ ଭସାଇ ମନ,
ଭୁଲିଗଲେ ଶରଧା-ଭାଜନ ଭବା ଯୁଗ୍ମ ଜୀବନ ।

ଦିନେ ସନ୍ଧ୍ୟା ବେଳେ ବସନ୍ତ ଦେନି ସଖୀକୁ ସଙ୍ଗେ
ବୁଲି ଗଲା ଗ୍ରାମ-ପଶ୍ଚିମ-ଦିଗ-କାନନେ ରଙ୍ଗେ ।
ଫୁଲ ଯେ ଫୁଟିଲା ଯୋଡ଼ିଏ ନବ ଲତିକା ଦେହେ,
ବସିଥିଲେ ପକ୍ଷୀ ମିଥୁନ ତରୁଶାଖାରେ ସ୍ନେହେ,
ଡାଳେ ଥାଇ ଧରି ପ୍ରଣୟେ କଥା ପ୍ରସଙ୍ଗେ ରସି
ଗୁଲୁଥିଲେ ଧୀରେ ଅବନ୍ୟେ କେତେ ପ୍ରିୟ ପ୍ରିୟସୀ,
ସେହୁ ସନ୍ତାନଙ୍କୁ ପ୍ରସବ ପ୍ରେମ-ରସ-ଆସ୍ୱାଦା
ପ୍ରକୃତ ଜନନୀ ଯେସନ ପାଳୁଥାଅନ୍ତି ସଦା ।

Digitized by srujanika@gmail.com

ରମଣୀ ରମଣ ଭ୍ରମନ୍ତେ ରମଣୀୟ କାନନେ
ରମ୍ୟଆନ୍ତ ଯେବେ ବିଜନେ, ସେହି ମଧୁର ସନେ,
କୁଜୁଥିଲା କୁଞ୍ଜେ କୋକିଳ କଳ କୁହୂ ସୁସ୍ୱର,
ଯେମନ୍ତେ ପ୍ରକୃତି ବୋଲନ୍ତି, "ଏହି ପିଲେ ମୋହର ।"
"ଏହି ଫୁଲ ସବୁ, ହେମାଙ୍ଗି, ତବ ତନୁ ବିଳାସ;
ଏହି ପୁଷ୍ପରସ୍ମ, ସୁମୁଖି, ତବ ହାସ ବିକାଶ;
ଏହି ସ୍ୱନରାଶି, ସୁନେତ୍ର, ତବ ଦୃଷ୍ଟି ଅଭ୍ରାସ
ଏହି କୁସୁମାଳି, ସ୍ମିତ, ତବ ଗଣ୍ଡ ପ୍ରକାଶ,"
ଏହି ଚମତ୍କାର ଚତୁର କଥା କୌତୁକେ ବୋଲି
ନାନା ବର୍ଣ୍ଣ ଫୁଲ ବସନ୍ତ, ଦେଲା ସଖୀକି ତୋଳି ।

ପରସ୍ପର ଭୁଜ ଦେଶରେ ଛନ୍ଦି ବାହୁବଲ୍ଲିକି,
ପରସ୍ପର ହୃଦେ ମିଳାଇ ପ୍ରତ୍ୟେର ଲହରୀ,
ଏକ ଶିଳବେଦ ଉପରେ କରି ଉପବେଶନ
ପରବଶେ ଶୂନ୍ୟେ ବୁଲନ୍ତି ମନ ଅବଲୋକନ ।
ପ୍ରିୟ ଗଣ୍ଡସ୍ଥଳେ ଲଗାଇ ଲାଜ ଗଣ୍ଡ ଅବଳା
ଶୂନ୍ୟେ କରେଥିଲା ଅଳିଙ୍ଗି ବାହୁ ଯୁଗଳେ ଗଳା;
ତନ୍ତୁଁ ଏକ ହାତ ବସନ୍ତ ରଖି ସଖୀ କାନ୍ଧରେ
ହସିଲା ଛପତ ଅଳକା ଟେକି ଆନ ହାତରେ ।
ସେହି ଶୁଭ ସାୟଂ-ସମୟେ ବନ-ବିବାହ-ଘଟରେ ।
ନିର୍ମଳର କର ବସନ୍ତ ଟାଣି ନେଲା ପ୍ରେମରେ,
ଗାଇଲେ ଅନେକ ଆଶିଷ ଶ୍ଲୋକ ଦ୍ୱିଜ ମଣ୍ଡଳୀ,
ବର୍ଷିଲେ ସୁମନ-ଅକ୍ଷତ ଲତା-ଅଙ୍ଗନାବଳୀ ।

Digitized by srujanika@gmail.com

ଗାଇଲା ପ୍ରଣୟ ସଙ୍ଗୀତ ଭ୍ରମିଲା ମତ୍ତ ମଧୁପ
କୁସୁମ-ଯୁବତୀ-ଅଧର ମଧୁ-ପାନ-ଲୋଲୁପ,
କହିଲା ପ୍ରଣୟ ରହସ୍ୟ ଧୀରେ ଧୀର ସମୀର
ଲତା-ସୁକୁମାରୀ-ଅଶ୍ଳେଷ-ସୁଖ-ବିହାର-ଧୀର,
ଶୁଭିଲା କି ତେବେ ତାଙ୍କର ଜ୍ଞାନ-ଶୂନ୍ୟ ଶ୍ରବଣେ,
ଯେଉଁ ମାନେ ସ୍ୱର୍ଗ କୀର୍ତ୍ତନ୍ତି ସୁଖେ ପାସୋରି ମନେ ?
ସ୍ୱର୍ଗେ ମାତ୍ର ନବ ଦମ୍ପତି ସୁଖ ଭୁଞ୍ଜିଲେ ଯଥା,
ରତି-ଯୁକ୍ତା ସନ୍ଧ୍ୟା ସୁନ୍ଦରୀ ସୁଖ ଭୁଞ୍ଜିଲା ତଥା ।

ରୋଗ-ଗ୍ରସ୍ତ ହୋଇ ମୂର୍ଚ୍ଛିତ ଥିଲେ ପିତା ଶଯ୍ୟାରେ,
ସେହି ଦିନ ବ୍ୟସ୍ତ ଶ୍ରୀଧର ତାଙ୍କ ପରିଚର୍ଯ୍ୟାରେ ।
ଅବସର ପାଇ ପଛକେ ସେହି ପ୍ରଦୋଷ ବେଳେ
ଖୋଜି ଗଲା ମିତ୍ର-ଦ୍ୱୟଙ୍କୁ ମନ ବଳାଇ ଖେଳେ ।
କେତେ ଆଶା କରି ଶ୍ରୀଧର ଅବଧି ସୈକତ ଦେଶେ
ବୁଲି ବୁଲି ଖୋଜି ହାଲିଆ ହେଲା ସେ ଅବଶେଷେ;
ବିହ୍ୱଳ ଭାବରେ ବସିଲା ମନେ ବିବର୍ଣ୍ଣ ମୁଖେ
ବିଷାଦ-ବିକ୍ଳବ ଲୋଚନେ ଧାଇଁ ପଶ୍ଚିମ ମୁଖେ
କଲା ଅନ୍ୱେଷଣ ନୂତନ ଆଶା ଅବଲମ୍ବନେ
କ୍ରୀଡ଼ା-ପରିଚିତ ସିକତା-ଶୈଳ ନିକଟ ବନେ;
ପ୍ରସାରିଲା ଦୃଷ୍ଟି ଚୌଦିଗେ ହୋଇ ପାହାଡେ ଠିଆ,
ଦେଖିଲା ବେଣାଙ୍କ ମୂରତି ଏକ ମୂର୍ତ୍ତିରେ ଭିଡା ।

Digitized by srujanika@gmail.com

ତାହାର ବର୍ଣ୍ଣିତ ବଦନେ ସ୍ତବ୍ଧ ନୟନେ ଥରେ
ଉଜ୍ଜ୍ୱଳିତ ହେଲ ପ୍ରେମାଗ୍ନି-ଶିଖା ଉଦ୍ବେଗ ଭରେ;
ପଢିଗଲା ଜାଣି ଶ୍ରୀଧର ନିଜ ଭାଗ୍ୟର ଲେଖା,
ତାହାଙ୍କ ବଦନେ-ଲକ୍ଷିତ ତାଙ୍କ ବୀକ୍ଷଣ ରେଖା ।
ସମ୍ଭାଳି ନ ପାରି ପୂର୍ବିବା ଗୁରୁ ଦୁଃଖର ଚାପେ
ନେନେ ଅଶ୍ରୁ-ବାରି, ଅବର ମର୍ମ ବ୍ୟଥାର ତାପେ
ଭାଲେ ସ୍ୱେଦ ବାରି ବାହାରି ବହି ଯାଇ ଚଞ୍ଚଲେ
ମିଳି ଅଚଳଲ ବନ୍ଧୁତା ତାର ମୁଖ ମଣ୍ଡଳେ ।
ପାହିଲ୍ ତାହାର କିଶୋର ହୃଦେ ଥିଲ ମୂକର
ନିର୍ମଳ କିଶୋରୀ ପ୍ରକାଶେ ପୂତ ପ୍ରଣୟ ଭର;
ଏବେ ନୁହଇ ତା କେବଳ, ରହିବ ତା ଅନ୍ତରଙ୍ଗେ
ଅଜୀବନ ନିରବଚ୍ଛିନ୍ନ କ୍ଷୁଧା ସୁଦ୍ଧା ତା ସଙ୍ଗେ ।
ସେ ତେଜିଲା ଦୀର୍ଘ ନିଶ୍ୱାସ ଦେଖି ସହି ନ ପାରି
ସେ ପ୍ରେମ ଦୃଶ୍ୟକୁ, ଯାହା କି ତାର ମନ-ଭଗାରି ।
ନ ଫଳିବା ଦୃଢ଼ ପ୍ରେମକୁ ରଖି ମନ-ମନ୍ଦିରେ
ସହିବ କେମନ୍ତେ ଯାବତ ରହେ ପ୍ରାଣ ଶରୀରେ ?
ଚିଲଚିହୋଇ ଯେବେ ଅନ୍ତରେ ଥିବ ତୀବ୍ର ବେଦନା
ଭସ୍ମାବୃତ ବହ୍ନି ପରାଏ ନୋହି କାହାକୁ ଜଣା,
ଜୀବନ କାବ୍ୟର ଅତୀତ କେତେ ପଟ୍ଟର କଥା
ବାରମ୍ବାର ହୋଇ ପଠିତ ଯେବେ ଜାଳିବ ବ୍ୟଥା,
ଅପନାର ହୃଦ-ବୀଣାର ମୂକ ପ୍ରଣୟ ଗୀତ
ହୋଇଯିବ ଯେବେ ନିବାତ ଅନ୍ଧକାରେ ନିହିତ,
ଅଭାଗା ସେ ଘୃଣା କରିଣ କ୍ରୂର କଠୋର ସ୍ନେହ
ବଞ୍ଚିବାର ଆଶା କେମନ୍ତେ ରଖି ଧରିବ ଦେହ ?

Digitized by srujanika@gmail.com

ବନେ ଧାଏଁ ଯେବେହେଁ ଝିଙ୍କି ବାଜି ନିଶିଥ ଝର
ତେମନ ଝୋଇଲ ଶ୍ରୀଧର ସେହ୍ନ ଗ୍ଳାନୁଁ ଅନ୍ତର ।

Digitized by srujanika@gmail.com

ବିଚ୍ଛେଦ

ଯେବେ ଅପସାର ଶଙ୍କର ଝଟଣାର
                    ଦଶାର ଦନ୍ଦ୍ରଣାର
ମ୍ଲାନ ଗୃହୁଁ ଗୃହୁଁ ଯୌବନଶ୍ରୀ ଆପେ
                    କରିଥିଲା ଅଧିକାର,
ଛୁଟି ଯାଇଥିଲା ତେବେ ବସନ୍ତର
                    ପର-ଝର୍ଣ୍ଣର-ପରତା,
ସ୍ୱାଧୀନ–ଜୀବୀ ସେ ଲଭ କରିଥିଲା
                    ଅରଜିବାର କ୍ଷମତା ।
ଜୀବିକା–ଉପାୟ ହୋଇଥିଲା ତାର
                    ନାବିକର ବ୍ୟବସାୟ,
ଅଦ୍ୱିତୀୟ ତାର ଧୈର୍ଯ୍ୟ, ସାହସ,
                    ଅଟଳ ଅଧ୍ୟବସାୟ ।
ଅର୍ଜିଥିଲା ଧନ ଅଚିରେ ପ୍ରଚୁର
                    ଖଟି ଖଟି ଦିବା-ରାତି,
ଅର୍ଜିଥିଲା ନିଜ ଗ୍ରାମେ ଗ୍ରାମାନ୍ତରେ
                    ନିଜ ବ୍ୟବସାୟେ ଖ୍ୟାତି ।

Digitized by srujanika@gmail.com

ବିବାହ ଅଗ୍ରୁଁ ଧରଣୀ ନିର୍ମଳ
ପାଇଁ ସେ ଧୀବର ବୀର
ରଚିଥିଲା ଏକ ନିବାସୋପଯୋଗୀ
ସୁନ୍ଦର କ୍ଷୁଦ୍ର କୁଟୀର ।

ହେଲା ବସନ୍ତର ନିର୍ମଳ ସହିତ
ବିବାହ ମହାଡମ୍ବରେ,
ଭାସିଲେ ଦେନିଏ ଅସୀମ-ଉଲ୍ଲାସେ-
ରସାବେଶ-ସାଗରରେ ।

ଦିନ ମାସ ପୁଣି ବର୍ଷ ମହାବେଗେ
ଅତିକ୍ରମେ ବହିଯାଇ
ମିଶିଗଲା ଭୂତ କାଳ ପାରାବାରେ
ସଂସାର ସୁଖ ଭୁଆଇ ।

ନବୀନ ଯୌବନ ଅଖଣ୍ଡିତ ସ୍ୱାସ୍ଥ୍ୟ
ତଥା ଗଭୀର ପ୍ରଣୟ !
ଫଳେ ହେଲା ନବ ସୁଷମାରଞ୍ଜିତ
କୁମାରୀକୁମାରୋଦୟ ।

ଅଗେ କନ୍ୟାମଣି, ରମ୍ୟ ରୂପଖଣି,
ରୂପେ ସାକ୍ଷାତ ଜନନୀ,
ଜନକ ମାନସ-ରଞ୍ଜନୀ, ନୂତନ-
ଅଶାଙ୍କୁର-ପ୍ରବର୍ଦ୍ଧିନୀ;
ବାଟେ ଦୂରରେ ଦେଖି ଦୌଡ଼ ଦେଇ ଆସି
ପ୍ରଫୁଲ୍ଲ ମନ-ଉଲ୍ଲାସେ,

Digitized by srujanika@gmail.com

ପ୍ରସାରିତ କର-ଯୁଗଳ-ବିନ୍ୟାସେ,
ଊର୍ଦ୍ଧ୍ୱ ମୁଖ ମନ୍ଦ ହାସେ,
ବିସ୍ଫାରିତ ଅକ୍ଷି-ଗୃହାଁଣି ବିଳସେ
ଉପସ୍ଥିତ ହୋଇ ପାଶେ
କୁମାରୀ ପିତାଙ୍କୁ ଦିଏ ଯେଉଁ ସୁଖ
ବୋଲିଏ ନିତ ନୂଆ ସେ ।

ଦ୍ୱିତୀୟ ସନ୍ତାନ ପୁଅ ରୂପବାନ
ପିତାର ପ୍ରତିମୂରତି,
ତା'ର ଲୀଳା ଖେଳେ ନିର୍ମଳର ଚିତ୍ତ
ଲଭେ ଅମିୟ ପୀରତି,
ସୁଧାକର କରେ ଯଥା ରତ୍ନାକର,
ଭାନୁ ଉଦେ ପଦ୍ମ ପ୍ରାୟେ;
ବେଉସାରେ ଲଗି ନାଥ ଅନୁରାଗୀ
ଯେତେବେ ଚିରଦିନ ଯାଏ

ଜଳେ ଅବା ସ୍ଥଳେ ଭ୍ରମଇ ସୁଦୂରେ
ତେବେ ନିର୍ମଳା ନିବୋଳେ
ବିୟୋଗର କ୍ଲେଶ ପାଶୋରଇ ଧରି
କୁମାର କୁମାରୀ କୋଳେ ।
ସନ୍ତାନର ପ୍ରାପ୍ତି ସଙ୍ଗେ ସଙ୍ଗେ ଧନ-
ସଞ୍ଚୟେଚ୍ଛା ବଳବତୀ
ହେଲା ବସନ୍ତର, ଥିଲା ସେହୁ ସଦା
କୁଟୁମ୍ବ-ଭରଣ-ବ୍ରତୀ ।

Digitized by srujanika@gmail.com

ମା'ବାପା ଅପେକ୍ଷା ଉଚ୍ଚତର ବିଦ୍ୟା-
ଶିକ୍ଷା କରିବେ ଯେସନ,
ସମାଜ ମଣ୍ଡଳେ ପାଇବେ ଯେପରି
ସଗୌରବେ ଉଚ୍ଚାସନ,

ଝିଅ ଆଉ ପୁଅ—ଏହି ଅଭିଳାଷ
ତାର ହୃଦେ ହେଲା ପୋଷା,
ଏହାହିଁ ତାହାର ଜୀବନ-କାବ୍ୟର
କର୍ତ୍ତବ୍ୟ-ଗୀତର ଘୋଷା ।

ଅଭଙ୍ଗୁର ହୋଇ ସୁଖ ନରହଇ
କାହାର ଭାଗ୍ୟେ ଶାଶ୍ବତେ;
ପରିବର୍ତ୍ତନହିଁ ପ୍ରକୃତର ମୂଳ
ନିୟମ ସାରା ଜଗତେ :

ନିର୍ମଳା-ସ୍ୱାମୀର ପ୍ରଶାନ୍ତ ଜୀବନ-
ସୁଖେ ଘଟିଲା ବ୍ୟାଘାତ,
କାଯ୍ୟଧୂର ବର୍ତ୍ତୀ ବନ୍ଦରେ ସେ ଦିନେ
ପାଇଲା ଏକ ଆଘାତ,

ମାସ୍ତୁଲ ଉପରୁ ଖସି ପଡ଼ିଲା ସେ
ଭଜିଗଲା ତାର ହାତ;
କେ ଲଂଘି ପାରିବ ଈଶ୍ବର-ଶାସନ ?
ଦଇବ ଲୀଳା ଅଜ୍ଞାତ !

Digitized by srujanika@gmail.com

ପୋତାଶ୍ରୟେ ପଡ଼ି ରହିଲା ବସନ୍ତ
ଯୋଗ୍ୟ ଚିକିତ୍ସା ନିମିତ୍ତ,
ପତି-ଆଗମନ-ବିଳମ୍ବେ ବ୍ୟାକୁଳ
ହେଲା ନିର୍ମଳାର ଚିତ୍ତ ।

ଜାଣି ନ ଥିଲା ଯେ ଦୁଃଖଦାଉ ଧନେ,
ଶୁଣି ଦାରୁଣ ବାରତା ,
ନବ ବିରହିଣୀ ଗର୍ଭଭରାଳସା
ବାଳା ହେଲା ମୂର୍ଚ୍ଛାଗତା ।

ହେରି ପୁତ୍ର ମୁଖ ତାର ମୃଦୁଟିରେ
ଲଭି ସାନ୍ତ୍ୱନା ଭାରତୀ
ଧନ ଗଣି ନାଥମିଳନାଶା ରଖି
ସମୟ ଯାପିଲା ସତୀ ।

କାଳ କ୍ରମେ ଦୁଃଖ ଭରିତ ଜୀବନେ
ଜନ୍ମିଲା ଏକ କୁମାର ।
ଅପୁଷ୍ଟ ଦୁର୍ବଳ ହୋଇ ସେ ବଢ଼ିଲା
ନ ଲଭି ସ୍ନେହ ପିତାର ।
ବସନ୍ତ ଅଭାବେ ତାର ବ୍ୟବସାୟେ
ଦେଖା ଦେଲା ନାନା କ୍ଷତି ।
ଆକ୍ରମଣକାରୀ ଅନ୍ୟ ବେପାରୀଏ
ତାର ବୃତ୍ତି କଲେ ଲୁଟି ।

ରୋଗ-ଶଯ୍ୟା-ପରେ ରହେ ନିରୁଦ୍ୟୋଗ
ବସନ୍ତ ବିଷଣ୍ଣମନେ

Digitized by srujanika@gmail.com

ଦେଖାଦିଏ ନାନା ଘାତ ପ୍ରତିଘାତ
ତାର ଭବିଷ୍ୟ ଜୀବନେ ।
ସ୍ୱପନେ ତାହାକୁ ସମୟେ ସମୟେ
ଏହିପରି ଦେଖିଯାଏ,
ଯେମନ୍ତ ନିର୍ମଳ ପ୍ରାଣ ପ୍ରିୟା ଭିକ
ମାଗେ ଭିକାରୁଣୀ ପ୍ରାଏ;
ନିଃସମ୍ବଳ ହୋଇ ନିଜର ସନ୍ତାନ
ଡାକି ଡାକି 'ବାହି ବାହି'
ଯେମନ୍ତ ଭଜନ୍ତି ଦୀନ ଦୁରବସ୍ଥା
ବୁଲି ବୁଲି ସାହି ସାହି ।
ତହୁଁ ସେ କରଇ ପ୍ରାର୍ଥନା, "ହେ ପ୍ରଭୋ,
ରକ୍ଷା କର ଏହି ଘୋର
ବିପଦରୁ ତାଙ୍କୁ ଦିବ୍ୟ କୃପା ବହି,
ଯାହା ହେଉ ପଛେ ମୋର ।"
ଏହି କାଳେ ପାଶେ ଉପସ୍ଥିତ ଏକ
ଜାହାଜର ଅଧିକାରୀ,
ଏକଦା ବସନ୍ତ ଥିଲା ଯାହାଙ୍କର
ସୁବିଶ୍ୱସ୍ତ କର୍ମଚାରୀ;
ବସନ୍ତର ଦୁଃଖ ଦୈନ୍ୟ ଦୁର୍ଦ୍ଦଶା
ଫେଡ଼ିବାକୁ ତାର ମନ
ବଳିଲା, କହିଲା, ଅନୁରାଗବଶେ
ଗୁଣଗ୍ରାହୀ ମହାଜନ,

Digitized by srujanika@gmail.com

"ମୋହର ବୋଇତ ଦୂର ଦେଶେ ଯିବା
କରିବ ବାଣିଜ୍ୟ ଲାଗି,
ପ୍ରଧାନ ନାବିକରୂପେ ଯିବୁ କି ତୁ
ଲଭେ, ହେବୁ ସମ-ଭାଗୀ ।"

ଭାବି ତାର ପ୍ରତି ଅଛି ବନ୍ଧୁଙ୍କର
କରୁଣାର ପୂର୍ଣ୍ଣ ମାତ୍ରା
ବସନ୍ତ ସାଦରେ ସ୍ୱୀକାର କଲା
କରିବାକୁ ନୌକା-ଯାତ୍ରା ।

ସହସ୍ରକରଙ୍କ ଅଭ୍ର-ପଦବୀ କି
ନିରୋଧିଲେ ମେଘ ଖଣ୍ଡେ,
ଦୂରେ ତେଜଃପୁଞ୍ଜ ଦିଶୁଁ ଦିଶୁଁ ଯେହ୍ନେ
ଛାୟା ପଡେ ମାତ୍ର ଦଣ୍ଡେ,

ତେହ୍ନେ ବୋଧ ହେଲା ବସନ୍ତର ଦୈବ-
ଦୁର୍ଘଟଣା କ୍ଷଣସ୍ଥାୟୀ,
ସୁସ୍ଥ ହେଲା ସେହୁ ମନେ ମନେ ପୁନଃ
ପୁନଃ ଈଶ୍ୱରଙ୍କୁ ଧ୍ୟାଇ ।

ଯିବ ସେ ନିଶ୍ଚୟ, କିନ୍ତୁ କି କରିବେ
ତେବେ ତା ପତ୍ନୀ ସନ୍ତାନ ?
ଭାବି ଧୀର ଭାବରେ ଭାବୀ କର୍ତ୍ତବ୍ୟକୁ
ଗଢ଼ିଲା ସଙ୍କଳ୍ପମାନ ।

ବିକାବ ଉଠଣି, ଯାହା କୁଟୁମ୍ବକୁ
ଅଦ୍ୟାବଧି ଥିଲା ପାଳି,

Digitized by srujanika@gmail.com

ଭବ-ମହାର୍ଣ୍ଣବ-ତରଣ-କାରଣ-
ତରଣି, ଭ୍ରାନ୍ତି-ସଙ୍କୁଳି,

ଭୀମ ପାରାବାର ତରଙ୍ଗେ ତାହାକୁ
ବନ୍ଧ ଥିଲ ହେଳୁବାର
ତାହା ଲଙ୍ଘିବାର କାହାର ? ତଥାପି
ବଳିବା ତ ଦୁର୍ନିବାର—

ନାଉରିମାନଙ୍କ ସାଧନ-ସାମଗ୍ରୀ
କିଣି ଆଣିବ ସେ ଧନେ —
ଖୋଲିବ ଦୋକାନ—ସେ ବୃତ୍ତିସାଧନେ
କୁଟୁମ୍ବ ପ୍ରତିପୋଷଣେ
ନ ଭଜିବ କଷ୍ଟ ଅର୍ଦ୍ଧାଙ୍ଗୀ ନିର୍ମଳା—
ସେ ଯିବ ସୁଦୂର ଦେଶେ
କରିବ ବେଉସା, ଆଣିବ ସମ୍ପତ୍ତି,
ସୁଖୀ ହେବ ଅବଶେଷେ,

ନିଜ ପିଲାମାନେ ହେବେ ଗୌରବିତ
ଉନ୍ନତ ବିଦ୍ୟା ଶିକ୍ଷାରେ,
ଯାପିବ ଚରମ ଜୀବନ ଆନନ୍ଦେ
ସୁଖେ ନିଜ ପରିବାରେ ।

ସୁନିଶ୍ଚିତ ରୂପେ କର୍ତ୍ତବ୍ୟର ରୂପ
ମନେ ବନାଇ ଏମନ୍ତ
ବନ୍ଦରୁ ବାହାରି ସ୍ୱଗୃହାଭିମୁଖେ
ଚଳିଲା ମୋଦେ ବସନ୍ତ;

Digitized by srujanika@gmail.com

ଦୁର୍ବଳ ଶିଶୁକୁ କୋଳେ ଧରି ହାତେ
ଚୁମ୍ବନ ଦେଇ ଗେହ୍ଲାରେ
ଝୁଆଉଛି ସ୍ତନ୍ୟ ଚନ୍ଦ୍ରିକା ନିର୍ମଳ
ବସି କୁଟୀରଦୁଆରେ ।

ହସଇ ହସାଇ ଖେଳଇ ଖେଳାଇ
ଖାଇବାକୁ ଦେଇ ପିଠା,
ଭାଇକୁ ଭଉଣୀ ବୋଲଇ ତା ତୁଣ୍ଡେ
ଦରୋଟିଆ କଥା ମିଠା ।

ପତିର ଦର୍ଶନେ ଉଠିଲା ସମ୍ମୁଖେ
ହୃଦ ହେଲା ହର୍ଷେ ଭରା
ସ୍ମିତ ପରକାଶି ଉଭା ହେଲା ବାଳା
ସମ୍ମୁଖେ ଯଥା ଚପଳା ।

କିନ୍ତୁ ବାଳ ମାନ ଅଶ୍ରୁସିକ୍ତ, ମୁଖ,
ରୁଦ୍ଧ ନେତ୍ର, ବେଣୀ ଗଳା,
ବସନ୍ତର ହାତେ ଅର୍ପିଲା ନିର୍ମଳ
ଶିଶୁ ଉଷା-ଶଶି-କଳା ।

ଧରି ତାକୁ ପିତା ପରଶି ତାହାର
ମୃଦୁ ଅବୟବ ମାନ
ବାରମ୍ବାର ଚୁମ୍ବି ପ୍ରକାଶିଲା ପିତୃ-
ବତ୍ସଳତାର ସମ୍ମାନ ।

ବରଷର ଅବସାନେ ଦମ୍ପତିଙ୍କ
ସମାଗମ ମଧୁମୟ

Digitized by srujanika@gmail.com

ପ୍ରେମମନ୍ତ୍ରର ଅନ୍ତେ ହେଲା ଅବା ତହିଁ
ବସନ୍ତର ଶୁଭୋଦୟ ।

ପ୍ରକାଶିଲା ଧୀରେ ବସନ୍ତ ତା'ପର
ଦିନ ସୂର୍ଯ୍ୟାସ୍ତ ସମୟ
ସ୍ୱଦେଶାଭିମୁଖେ ଯିବ ବୋଲି ସେହି
କରିଥିଲା ଯା ନିଶ୍ଚୟ ।

ଦାରୁଣ ଏ ବାର୍ତ୍ତା ତଡ଼ିତେ ବାଜିଲା
ନିର୍ମଳାର ଶାନ୍ତ ମନେ,
ଅକାଳେ ଘଟିଲା ଅବା ବଜ୍ର ଘାତ
ନୀଳ ନିର୍ମଳ ଗଗନେ ।

ସେ ଦିନାବସାନେ ପଶ୍ଚିମ ଆକାଶେ
ନୀରଦ-ନିବହ ଭ୍ରମେ,
ନିର୍ମଳାର ହୃଦେ ବିପଦ ଆଶଙ୍କା
ଆବରିଲା କ୍ରମେ କ୍ରମେ ।

ପବମାନ-ବେଗ-ଧାବମାନ-ମେଘ-
ଶକଳମାନଙ୍କ ଦେଇ
ଚୋରା ଶଶିରେଖା ବାରେ ଦେଇ ଦେଖା
ବାରେ ରହିଲା ଉଭେଇ ।

ଅମ୍ବର ପ୍ରାଙ୍ଗଣେ ଏ ଦୃଶ୍ୟ ଦର୍ଶନେ
ହେଲା ନିର୍ମଳା ବିସ୍ମିତ
ଭାବୁଥିଲା ପରା ସାଗର କଲ୍ଲୋଳେ
ଭାସି ବୁଡୁଛି ବହିତ ।

Digitized by srujanika@gmail.com

ବିଭ୍ରା ହେଲା ଧନୁ ଧନେ କି ସପନେ
କରି ନାହିଁ କେବେ ମତି
ପତିଙ୍କ ବିରୋଧ ଅବା ପ୍ରତିକୂଳ
ଆଚରିବ ବୋଲି ସତୀ ।

ମାନି ଆଜ୍ଞା ତାର ମନ ନ ମାନିଲା
କଲା ସେ ଦୃଢ଼ ସାହସ,
ପତିଙ୍କର ଯାତ୍ରା ରୋଧିବ ସେ ବୋଲି
ଆଗେ ପ୍ରେମେ କଲା ବଶ ।

ଅଶ୍ଳେଷିଲା ଗାଢ଼େ କଣ୍ଠଦେଶ ମୃଦୁ
ବାହୁ ଲତିକା ବନ୍ଧନେ,
ଦେଖିଲା ଗଭୀର ନେତ୍ର ହ୍ରଦେ ମୁହଁ
ଟେକି ଧୀର ନିଶ୍ୱାସଟେ,

ଅଙ୍କିଲା ଅଧରେ ଅଳସେ ବିଷାଦ-
ମଧୁର ମୃଦୁ ଚୁମ୍ବନ,
ପତିପାଶେ ସତୀ ଭଲପାଏ ନାହିଁ
ନିଦ୍ରା ଅବା ଜାଗରଣ ।

କାଉଁତୁକଣ୍ଠଲେ କଲା ବାରମ୍ବାର
ଅବା ନୀରବ ପ୍ରାର୍ଥନା
ବନ୍ଦ କରିବାକୁ ବିଦେଶ ଗମନେ
ନୌକାଯାତ୍ରାର କାମନା ।

ଆଚ୍ଛାଦିଲା ମୁହଁ ବିସ୍ତାର ନିତମ୍ବ-
ଚୁମ୍ବୀ ସୁନୀଳ କବରୀ,

Digitized by srujanika@gmail.com

କାଳି ପରି ବୋଧ ଭବିଷ୍ୟ ଜୀବନ
ତମୋମୟ ବିଭାବରୀ;
ପଖାଳିଲି ପଦ ନୟନ-ନିଃସୃତ
ଉଷ୍ଣ ଅଶ୍ରୁ-ଜଳ-ଧାରେ,

ବୁଡ଼ିଗଲି ପରି ବିରସ ମାନସ
ଘନ ଶୋକ ଅକୂପାରେ;
ଆଲିଙ୍ଗିଲି ତନୁ ଦୃଢ ଭାବେ ଭିଡ଼ି
ସ୍ୱସ୍ତିକ ବାହୁ ଯୁଗଳେ,

ଛଣାଇଲି ପରି ସଂସାରେ ଚରଣ
ବନ୍ଧି ବିରହ-ଶୃଙ୍ଖଳେ;
ଆଚରିଲି ଦୈନ୍ୟ ପ୍ରେୟସୀ କରୁଣ-
ଶୃଙ୍ଗାର-ଲୀଳା-କଳାପ,

ଜଣାଇଲି ଛଳେ ପତି ଯାତ୍ରା ଯୋଗୁଁ
ଘଟିବ ଗୁରୁ ସନ୍ତାପ ।
"କେତେ କାନ୍ଦିବଟି ଝିଅ ତୁମ୍ଭ କଣ୍ଠ
ପରିରମ୍ଭ ସୁଖ ପାଇଁ,

ପୁଅଟି କି ଦୁଃଖ ନ ଭୋଗିବ ତୁମ୍ଭ
ଚୁମ୍ବନକୁ ଗୃହିଁ ଗୃହିଁ ?
ସହିବ କେମନ୍ତେ କୋଳ ଚୋଟୁ ଶିଶୁ-
ବାସ-ଲୋପ ତୁମ୍ଭ ଅଙ୍କ ?

ବଞ୍ଚିବ କେମନ୍ତେ ଏହୁ ଦୀନା ତୁମ୍ଭ
ଶ୍ରୀମୁଖ-ଦର୍ଶନ-ରଙ୍କ ?

Digitized by srujanika@gmail.com

ଦେଖ ଏ ଦାସୀର ଶୋକାକୁଳ ମୁଖ,
ଦେଖ ଏ ଶିଶୁ ସନ୍ତତ
ଭାବ ଥରେ ଏହି ପରିବାର ଶୁଭ,
ନ କର ବିଦେଶେ ଗତ ।

ଛାଡ ନା ଆମ୍ଭଙ୍କୁ, ଛାଡ ନା, ଛାଡ ନା,
କରନା ଯାତ୍ରା ସାଗରେ,"
ନିବେଦିଲା ବାଳା କାତରେ ବିନୟେ
ବସନ୍ତଙ୍କୁ ଥରେ ଥରେ ।

ଯାଉ ନ ଥିଲା ସେ ସ୍ୱସୁଖାଭିଳାଷେ,
ସ୍ୱବିନୋଦ ପ୍ରଲୋଭନେ,
ଯାଉଛନ୍ତି ନିଃସ୍ୱାର୍ଥ ନିଜ ପରିବାର-
ସୁଖ କାମନାର୍ଥ ମନେ ।

ତେଣୁ ତାର ମନ ଫେରାଇଲା ନାହିଁ
ଅବଳାର ଅନୁରୋଧ,
ଯତ୍ନବାନ ଧୀର ପୁରୁଷ କେଶରୀ
ମାନଇ କି ଅବରୋଧ ?

ବିକି ଦେଲା ନାବ କଳ୍ପିତ ପ୍ରକାରେ
ରଚିଲା ସାନ ଦୋକାନ,
ଯଥୋଚିତ ସ୍ଥାନେ ସଜାଡିଲା ଆଣି
ଆବଶ୍ୟକ ବସ୍ତୁମାନ;

ଯେସନ ପ୍ରକୃତ ଗୃହୁ ସୂକ୍ଷ୍ମ ରୂପେ
ରଚଇ ଗଙ୍ଗା ବା କଟି,

Digitized by srujanika@gmail.com

କାମ ପ୍ରସୂନର ଦୁଅନ୍ତେ ଅନନ୍ଧ
ବସନ୍ତର ଗନ୍ଧ ବହି ।
ଉପସ୍ଥିତ ହେଲା ପ୍ରସ୍ଥାନ ଦିବସ,
ସତୀ-ବିଦାୟ-ସମୟ,

ଭ୍ରାନ୍ତି-ହାସ୍ୟ-ଉଲ୍ଲାସ-ନିଳୟ
ଧୀର-ବସନ୍ତ-ହୃଦୟ ।
ଆସନ୍ନ-ବିଚ୍ଛେଦ-ସ୍ମରଣ-ବିଷାଦ-
ବ୍ୟାକୁଳ ନିର୍ମଳ ସତୀ,

ଯାହାର ଅବଳା-ସହଜ ଭୀରୁତା
ଦେଖି ହସୁଥିଲ ପତି ।
ଈଶ୍ୱର-ବିଶ୍ୱାସୀ ଜଣାଇଲା ଅଳି
ବସନ୍ତ ଭକ୍ତି-ଗୌରବେ,

"ସ୍ୱାମି, ରକ୍ଷାକର ମୋର ପରିବାର
ଯାହା ହେଉ ମୋର ଭବେ ।"
ପ୍ରବୋଧିଲ ବୀର "ନ କର ଭାବନା
ପ୍ରିୟେ, ବିଭୁଙ୍କ କୃପାରେ

ହେବ ନିରାପଦ, ନିଶ୍ଚେ ଅନୁକୂଳ
ବାତେ, ଯାତ୍ରା ପାରାବାରେ ।
ଧୈର୍ଯ୍ୟ ଧର ସତି, ଅକାରଣ ଭୟେ
ନ ହୁଅ ଉତଲେ କାତର

ତୁମ୍ଭେ ନ ଜାଣିବା ଆଗୁ ବାହୁଡ଼ିବ
ସ୍ଥିର ସିଦ୍ଧାନ୍ତ ମୋହର ।"

Digitized by srujanika@gmail.com

ଧୀରେ ଧୀରେ କରେ ଦୋଳାଇଣ ଦୋଳା
ତହିଁ ଶିଶୁଙ୍କୁ ବସାଇ
ଭାଷିଲା, "ଦୁର୍ବଳ, ଅସୁସ୍ଥ, ନିର୍ଜୀବ
ଏ ପିଲାଟି—ନାହିଁ ନାହିଁ—

ଅଟଇ ତଥାପି ଅତି ପ୍ରିୟ ପାତ୍ର,
ମୋର ନୟନ ପ୍ରତିମା—
ରକ୍ଷା କରୁ ତାକୁ ସର୍ବଦା ପ୍ରଭୁଙ୍କ
ଅମିୟ ଦୟା ମହିମା—

ଉଲ୍ଲସିତ ମନେ ଖେଳିବ ମୋ କୋଳେ
ଫେରିବ ଯେବେ ମୁଁ ଘରେ।
କହିବ ତାହାକୁ ବିଦେଶକାହାଣୀ,
ଶୁଣିବ ଆନନ୍ଦ ଭରେ।

ଆସ, ଗୋ ପ୍ରେୟସି, ଆସ, ଅଧୀରତା
ଦୂର କର ଅବହେଳେ,
ଆସ, ଉତ୍ତେଜନା ଦିଅ, ଉତ୍ସାହିତ
ହୁଅ ମୋର ଯିବା ବେଳେ।"

ଏଭଳି ଭରସା ଗିର କହୁଁ କହୁଁ
ତାର ବଚନ ବିନ୍ୟାସ
ଫେରାଇଲା ଚିତ୍ତ; ଦୈବର ବିଳାସ,
ଈଶ୍ବର ଭକ୍ତି ବିଶ୍ବାସ—

ପ୍ରଭୁଙ୍କ ବିଷୟେ ପ୍ରବେଶି ଦେଲା ସେ
କେତେ ଉପଦେଶ କଥା,

Digitized by srujanika@gmail.com

ଅଶେଷ ଶୁଣି ପୁଣି ଶୁଣେ ନାହିଁ ସତୀ
ଭୁଲିଲେ ନୁଆଁଇ ମଥା
କହିଲ ନିର୍ମଳ ଅବଶେଷେ, "ତୁମ୍ଭେ
ଜ୍ଞାନବାନ ପ୍ରାଣ-ସାଇଁ

ମୋ ହୃଦ କହୁଛି—'ଏତେ ଆଉ ତୁମ୍ଭ
ଶ୍ରୀମୁଖ ଦେଖିବ ନାହିଁ ।'"
ବୋଇଲ ବସନ୍ତ, "ଆଜ୍ଞା, ତେବେ ମୁହିଁ
ଦେଖିବି ତବ ଆନନ;

ଉତ୍ସାହିତ ହୁଅ ପ୍ରିୟେ, ପିଲମାନ
କର ଲଳନ ପାଳନ;
ଡର ନାହିଁ ଡର ଅହୁର ମୋପାଇଁ
ଯଦିବା ଘଟିବ ନାଶ;

ପ୍ରଭୁଙ୍କ ଉପରେ ଦିଅ ଭାର, ସେହୁ
କରିବେଟି ଦୁଃଖ ହ୍ରାସ ।
ମହତମାନଙ୍କ ଠାରୁ ମହୀୟାନ,
ଅଣୁ ଠାରୁ ଅଣୀୟାନ;

କ୍ଷୁଦ୍ର ଖଦ୍ୟୋତରେ ମାର୍ତ୍ତଣ୍ଡ ମଣ୍ଡଳେ
ଏକାପରି ତେଜୀୟାନ;
ତବ ପ୍ରାଣେ, ମମ ପ୍ରାଣେ, ସର୍ବ ପ୍ରାଣେ,
ଏକ ଭାବେ ବିଦ୍ୟମାନ;

ଦୃଶ୍ୟ ବସ୍ତୁ ଜାଲେ, ଅଦୃଶ୍ୟ ଶୂନ୍ୟରେ
ଅଭେଦେ ପ୍ରତୀୟମାନ;

Digitized by srujanika@gmail.com

ସର୍ବଭକ୍ତା, ସର୍ବମୁକ୍ତା, ସର୍ବବେଦ୍ୟ,
ସର୍ବସାକ୍ଷୀ, ସର୍ବଗାମୀ,
ଦୂର ବିଦେଶର, ମହିଁ ଯିବ ମୁହିଁ,
ରହିଁ ନାହାନ୍ତି କି ସ୍ୱାମୀ ? ୮୨୦

ତାଙ୍କ ଠାରୁ କେଉଁବ ଦେଖାଇବ ବିଚ୍ଛିନ୍ନ,
ଯା' ସୃଷ୍ଟି ମହାସାଗର ?
ସେ ମୋର ସମ୍ବଳ, ସେ ମୋର ରକ୍ଷକ,
କର ନାହିଁ ଟିକେ ଡର ।

କାହାକଟି, ମହିଁ ଯାଏ ଯିବ ମୁହିଁ,
ଦକ୍ଷିଣ ଏହୁ ଅଞ୍ଚଳେ,"
ବୋଲି ତାର ଯିବା ଦବସ ସତୀଙ୍କ
ଲଗାଇଲ କୁତୂହଳେ ।

ଉଠିଲ ବସନ୍ତ ପ୍ରେମେ ନତାଙ୍ଗୀଙ୍କ
ଭିଡିଲ ବାହୁଯୁଗଳେ,
ବିଷାଦ-ବିବଶା, ଅବସାଦ-କୃଶା
ଝାଉଁଳିଲ ଯେହ୍ନେ ଲତା ।

ଦେଲ ପ୍ରୀତି-ଭରା ଚୁମ୍ବନ କୁମାରୀ
କୁମାର ଗୃହୁ ଆନନେ,
ଅର୍ଥ ନ ଜାଣୁଣୁ ଦେଖନ୍ତି ଦେବନାଏ
ବିସ୍ମୟମୟ ଲୋଚନେ ।

ପାଶେ ଯାଇ ଧୀରେ ଚୁମ୍ବିଲ ଭୃତ୍ୟ
ପିଲଟିର ମୃଦୁ ଗଣ୍ଡେ,

Digitized by srujanika@gmail.com

କ୍ୱଚରେ ସ୍ୱଚ୍ଛ ଯାକ ଜାଗି ଜାଗି ତଦା
ଶୋଇଥିଲା ଯେତ୍କୁ ଦଣ୍ଡେ । ୩୦
ବାହାରିଲା ଘରୁ ବନ୍ଦର ଯିବାକୁ
ମେଲଣିର ଶେଷ ଷଟେ,

ଅନାଇଲା ସତୀ ପତିଶ୍ରୀଚରଣେ
ଅନିମେଷ ନିରୀକ୍ଷଣେ ।
ନାବ ଯିବା ଦନ ଉପସ୍ଥିତ ହେଉଁ
ଦେଖିଲା ସମୁଦ୍ର ଅଟେ

ନିର୍ମଳା—ତାହାର ଲୋଚନୁଁ ଲୋତକ
ପ୍ରବାହିତ ହେଲା ଗାଢ଼େ ।
କ୍ରମେ କ୍ରମେ ନାବ ଦୂରେ ଦୂରେ ଯାଇ
ହେଲା ନୟନୁଁ ଅନ୍ତର,

ଗୁହ୍ଁ ଗୁହ୍ଁ ଗୁଣ୍ଡେ ବୁଡ଼ିଗଲା ପ୍ରାୟେ
ପଶିଲା ସିନ୍ଧୁ ଭିତର ।

Digitized by srujanika@gmail.com

ସାନ୍ତ୍ୱନା

ନିସ୍ତବ୍ଧ ପ୍ରଶାନ୍ତ ନିଶୀଥ ସମୟ,
ସକଳ ପୃଥିବୀ ଅନ୍ଧକାରମୟ ।
କରି ଧନଯାଞ୍ଚ ଅବିଶ୍ରାମ କାମ
ତରୁ ପତେ ଶୋଇ ଲଭନ୍ତି ବିଶ୍ରାମ । ୩୪୦

ଯାମିନୀ ସୁନୀଳ ପର୍ଯ୍ୟଙ୍କେ ଶୟାନ,
ଗାଢନିଦ୍ରାଗ୍ରସ୍ତ ସୃଷ୍ଟିର ସନ୍ତାନ;
ନ ପାରନ୍ତି ଜାଣି ଉବମୋଦଖେଦ,
ଆଲୋକଅନ୍ଧାରମଧ୍ୟର ପ୍ରଭେଦ ।

ଶଶିକାନ୍ତ ସୌଧେ କୁସୁମ ପଲଙ୍କେ,
ବାଘାରେ ଗହ୍ୱାରେ ପାଷାଣର ଅଙ୍କେ,
ରାଜ୍ୟଭୋଗୀ, ତଥା ଭିକ୍ଷୁକ ବୈରାଗୀ
ନିଦ୍ରା ପରିରମ୍ଭେ ତୁଲ୍ୟ ସୁଖଭାଗୀ ।

Digitized by srujanika@gmail.com

୨।

ସନ୍ଧ୍ୟା-ଆଲୋକର ମ୍ଳାନ ଅନ୍ଧକାର
ମାତ୍ର ଅଛି ଆରେ କାଳ ଅଧିକାର;
ଲୋକଗହଳର ଚହଳ ଠାରି
ବ୍ୟାପି ନିସ୍ତବ୍ଧତା ପ୍ରକଟେ ପ୍ରଭାବ;
ଏହି ଲୀଳା ବିନା ସମଗ୍ର ସଂସାର,
ନୁହେ ଚିରସ୍ଥାୟୀ ରାଜତ୍ୱ କାହାର।

ଲୋକ ନୟନର ମରଣ ଅନ୍ଧାର,
ତହିଁ ଛବି ଗୂଢ଼ ଅଦ୍ଭୁତ ତାହାର !
କାଳ ଶାଢ଼ୀ ପରି ଆଚ୍ଛାଦନେ ଯା'ର
ଲୁଚି ଥାଏ ମୂର୍ତ୍ତି ପାପ ଦେବତାର।
ଅବା ମହାତ୍ମାଙ୍କ, ଯା' ତଳେ ଆଶ୍ରୟ।
ଭଜଇ ପାପୀର ଘାତୁକ ହୃଦୟ
କି ଅବା ନୀରବ ଧର୍ମବୀର, ଯହିଁ
ଅତ୍ୟାଚାର ବହ୍ନି ଦହେ ନାହିଁ ରହି।

ଚିରକାନ୍ତ ନଭସ୍ତଳେ ତାରାମାନ,
ଈଶ୍ୱରପ୍ରଭାବ ପ୍ରତ୍ୟକ୍ଷ ପ୍ରମାଣ,
ବିକିରନ୍ତି ତେଜ ସମାନ ଆଦରେ
ଦରିଦ୍ର କୁଟୀରେ ରାଜ ପ୍ରାସାଦରେ।
ସାଗର ଗମ୍ଭୀର ଗାନ ଶୁଭେ କାନେ
ନିସ୍ତବ୍ଧ ନିଶୀଥେ ଦୁଇଗୁଣ ତାନେ;
ଘୋଷଇ କି ତାହା, "ସୃଷ୍ଟି ଚିରସ୍ଥାୟୀ,
ପ୍ରକୃତିର ଆଦି ମଧ୍ୟ ଅନ୍ତ ନାହିଁ।"

Digitized by srujanika@gmail.com

ତାରା-ବୁଟାଦାର–ନୀଳାମ୍ବରଅଞ୍ଚଳେ
ତାରା-କୁଞ୍ଜ–ଚନ୍ଦ୍ର ଚକ୍ରବାଳ ତଳେ
ନାଚୁଛି ବିକଟ ଅଟ୍ଟହାସ ଧ୍ୱନି
ଭିଅଛନ୍ତି ଅବା ନିଶୀଥିନୀ ଧନୀ !

ଚୂଡ଼ା ଗଡ଼ ତଳେ ଧ୍ୱାନ୍ତ ସିଂହାସନ
ପାତି ରହଇ କି କଳଙ୍କ ରାଜନ
ମୁକ୍ତ-କଣ୍ଠ-ଭୀମ-ନିନାଦେ ସଗର୍ବ,
“ମୋହର ଏ ସାମ୍ରାଜ୍ୟ ଦିଶା ଜଗତ ସର୍ବ ”

ତେଜି ମର୍ତ୍ତ୍ୟ ଦେହ ଭବେ ପୁଣ୍ୟବାନ
ନିଜ ତାରାରୂପେ ଚିର ଅଧିଷ୍ଠାନ,
ତେଣୁ ତ ଯୁଗ ଯୁଗୁଁ ବିରାଜନ୍ତି ନଭେ !
ହସନ୍ତି କି ସଦା ଅଧୋମୁଖପ୍ରଭେ,
ଏ କ୍ଷୁଦ୍ର ଭୂତଳେ କରି ନିରୀକ୍ଷଣ
ଦୁଃଖମୟ ସ୍ଥିର ମାନବଜୀବନ !

* * *

ଥିଲା ଏକାକିନୀ ସେ ରଜନୀରେ,
ଖୋଲିଲା କବାଟ ନିଜ କୁଟୀରେ,
ଚାହେଁ ଶିଶୁ ପାଖେ ନିର୍ମଳ ଚୀରେ
ଲୋଚନ–ନିର୍ଗତ ଲୋତକନୀରେ
ଅରତର ଧାରତୀରେ;
ନିଦ୍ରା ସୁଖେ ମାତି କୁମାରୀକୁମାର
ଶୋଇଥାନ୍ତି ଅବନୀରେ ।

Digitized by srujanika@gmail.com

ଝିଟିପିଟି କାନ୍ଥ ଉପର ସ୍ଥଳେ
କଉଶଳେ ଧର କୀଟ କବଳେ;
ମିଞ୍ଜି ମିଞ୍ଜି ସାନ ଦୀପଟି ଜଳେ,
ଇତସ୍ତତଃ ହଲି ହଲି ଚପଳେ,
କ୍ରମ କ୍ଷୀଣ ତୈଳ ବଳେ;
କାଳ ପାଖ ହେଉଁ ବେଗାଡ଼ି ଯେସନ
ବ୍ୟଥା ଭଜଇ ଝିକଳେ ।

“ଅଜ, ବାପ, ମୋର ବଧନ ଗୃହିଁ ?
ସୁଧାରସ ଢାଳୁ ନାହୁଁ କିପାଇଁ ?
ଅଜ ତୋ ସୁନ୍ଦର ବଦନେ କାହିଁ
ମୁରୁକି ହାସ ତ ଦିଶଇ ନାହିଁ ?
ଆଜ କର ନ ବଢାଇ
ମୋ ଜୀବ-ସଜୀବ-ରବି, ତୁ ନେଲୁ ରେ
ମୋହର ସୁଖ ଛଡାଇ ।

ଅନ୍ଧାର ବ୍ରତ ମୋ ଜୀବନ, ଅହ୍ନା !
ଯହିଁ କଣ୍ଟକିତ ମୋ ଯିବା ରାହା;
କେବା ଏ ବିପଦେ ଅଛି ମୋ ସାହା ?
ଭାବିଥିଲି ମୋର ହୃଦୟେ ଯାହା
ସମ୍ଭବ ହେଲାଣି ତାହା;
ସାଗରେ ବୁଡାଇ ମୋତେ, ନିଜେ ଗଲେ
ସାଗରେ ମୋ ପ୍ରାଣନାହା ।

Digitized by srujanika@gmail.com

ଜଗତ ପାଳନ୍ତ୍ରୀ ରଜନୀ ରାଣୀ,
ନିଦ୍ରା ସୁଖେ ଭୋଳ ନିଖିଳ ପ୍ରାଣୀ,
କିନ୍ତୁ ଅମ୍ଭର ଏ ଗତି ହୋଇଲାଣି,
ରେ ବାପ, ଅମ୍ଭର ଦୁଃଖ କାହାଣୀ
ଶୁଣି ଆମ୍ଭ ଦୈନ୍ୟ ଜାଣି
ଅଶ୍ରୁ ଏ ମୁଁଛିବ କି ନେତ୍ର, କି କଣ୍ଠ
କହିବ ସାନ୍ତ୍ୱନା ବାଣୀ ?

ରେ ବତ୍ସ, ଜନମୁଁ ତୁ ରୋଗ-ଗ୍ରସ୍ତ,
ତୋର ଶୁଶ୍ରୂଷାରେ ମୁଁ ସଦା ବ୍ୟସ୍ତ,
ଭୁଲିଲି ଦୋକାନ; ପୁଣି ମୋ ହସ୍ତ
କାରବାରେ କେବେଁ ନୁହେ ଅଭ୍ୟସ୍ତ,
ତାହା ସବୁ ହେଲା ଧ୍ୱସ୍ତ;
ଯାହା ହେଉ ପିନା, ତୁ ଭଲ ହୋଇଲେ
ହୋଇବ ଶୁଭ ସମସ୍ତ ।”

କାନ୍ଦି କାନ୍ଦି ମନେ ଭୋଗିଲା ବ୍ୟଥା,
ନ ଜାଣିଲା ସତୀ ଭବିଷ୍ୟ କଥା;
ଶୁଆଟି ପଞ୍ଜରୀ ଭିତରୁ ଯଥା,
ଶିଶୁ ଦେହୁଁ ଆତ୍ମା ଉଡ଼ିଲା ତଥା ।
ଶତ ବଜ୍ରପାତେ ମଥା
ହେଲା ବା ବିଦୀର୍ଣ୍ଣ; ତାହାର ହୃଦୟ
ବିଚ୍ଛିନ୍ନ ହେଲା ସର୍ବଥା ।

Digitized by srujanika@gmail.com

କାହିଁ ପ୍ରେମ ଏହି ହାସ୍ୟ ପ୍ରସାରେ
ମାତୃପ୍ରେମ ତୁଲ୍ୟ ଯା ହୋଇ ପାରେ,
ସେ ମାତା ପ୍ରସବ ଦବୋଚଗୃହରେ
ପୋଷଇ ସନ୍ତାନ ସ୍ତନ୍ୟକ୍ଷୀରସାରେ ?
କାହିଁ ଅବା ଦୁଃଖ, ଭୂତେର
ଯାହା ସମକକ୍ଷ ଅଟଇ ଜନନୀ-
ଗର୍ଭଶୋକ ତୁଳନାରେ ?

"ମମ ଗର୍ଭେ ଜାତ ମୌକ୍ତିକ ମଣି,
ଥିଲଟି ମୋହର ସ୍ନେହର ଖଣି
ତବ ଗର୍ଭେ ଅର୍ପି ଅଛୁ, ଧରଣି,
ମୋଣ୍ଡିଲ ତାଡ଼ଣି," ବୋଲି ସେ ଝିଣି
କରେଣ ବେଦନା ଧ୍ୱନି
ଗାଳଥିଲ ଯେଉଁ ହାତରେ, ପୋଛିଲା
କ୍ଷଣକେ ତାହାକୁ ଧନୀ ।

ଆବାଲ୍ୟ ସଙ୍ଗିନୀ କର୍ପଳା, ଯାର
ଦୁଃଖେ ଦୁଃଖୀ ସଦା ସେ ଜମିଦାର;
ବସନ୍ତ ପ୍ରସ୍ଥାନ ସମ୍ପୂର୍ଣ୍ଣ ତାର ୪୧
ହୋଇଲା ଜୀବନ ଅହୋ ! ଅସାର,
ଦୀନହୀନ ନାର ଖାର;
ସେଦିନୁଁ ତା ମୁଖ ନ ଦେଖି ଶ୍ରୀଧର
ହୋଇଲା ବ୍ୟଥା ଅପାର ।

Digitized by srujanika@gmail.com

"ଏତେ ଧନ କାହିଁ ମୁଁ ମୂଢମତି
ହୋଇଛନ୍ତି ନିର୍ଦ୍ଦୟ ନିର୍ମଳ ପ୍ରତି ?
ସଙ୍ଖୋଳିବି ମୁହିଁ ତାଙ୍କୁ ସମ୍ପତ୍ତି,"
ଭାବି ପର ଦୁଃଖ-ମୋଚନ-ବ୍ରତୀ
ଫେଡ଼ିବାକୁ ତା ଆରତି
ଶ୍ରୀଧର କୁଟୀରେ ଯାଇ ନିରେଖିଲା
ଦୁଃଖଜର୍ଜରିତା ସତୀ ।

ଫେରି ମଶାଣିରୁ ସମାଧି ସାରି
କାହାରି ମୁହଁକୁ ଚାହିଁ ନ ପାରି
ଦୁଃଖ ସଖୀ ସଙ୍ଗେ ବସିଚି ନାରୀ
କାନ୍ଦେ ଦେଇ ମୁହିଁ; ନେତ୍ରୁ ତାହାରି
ବହେ ଘନ ଅଶ୍ରୁବାରି;
ଦେଖନ୍ତି କି ଦେଖା ସାଂସାରିକ ଦୁଃଖ
ଏ ରୂପ ଶତ୍ରୁବିଧାରି ?

କହିଲା କମ୍ପିତ ଗଳେ ଶ୍ରୀଧର,
"ନିର୍ମଳା, ମନରେ ଦୁଃଖ ନ ଧର,
କରିବି ମୁଁ ଉପକାର ତୁମ୍ଭର ।"
ଦୁଃଖେ ରୁଦ୍ଧ ହେଲା ଗଦ୍ଗଦ ସ୍ୱର,
କହିଲା ସଖୀ ଉତ୍ତର,
"ଉପକାର କେବେ ମୋଉଳି ଶୋକାର୍ତ୍ତା-
ପକ୍ଷରେ ସମ୍ଭବପର ?"

Digitized by srujanika@gmail.com

ଶୁଣିଲା କରୁଣ ସତୀ ବଚନ,
ଅସ୍ଥିର, ଅଧୀର ହେଲା ତା' ମନ;
ନ ମାନି ସାହସେ ନୟା' ବାରଣ,
କରି କ୍ଷମାବାପୀ ଅବଗାହନ,
ଶ୍ରୀଧର ମନ ଉତ୍ସନ୍ନ;
ଅଗ୍ରସର ହୋଇ ସତୀ ପାଶେ ବସି
କଲା ଧୀରେ ନିବେଦନ ।

''ନିର୍ମଳା, ଅଛିଟି ତୋତେ ଜଣାଇ,
ତାର ଅଭିମତ ଯେ ପ୍ରାଣସାଇଁ;
ସେହୁ ବୀର, ଧୀର, ଅଧ୍ୟବସାୟୀ,
ଯାହା ସଂକଳ୍ପଇ ଛାଡଇ ନାହିଁ;
ଦୁହିଙ୍କ ମଧ୍ୟରୁ ମୁହିଁ
ଯୋଗ୍ୟକୁ ବରିଲୁ ବାଛି, ବହୁ ବାର
କହିଥିଲି ଏ କଥାହିଁ ।

ସହ୍ୟ କରି ନାନା କଷଣ କ୍ଳେଶ
ସତୀ-ସନ୍ତାନଙ୍କୁ ଛାଡ଼ି ବିଦେଶ
କପାଇଁ ଯାଇଛି ତୋ ହୃଦୟେଶ,
ଜାଣୁକି, ନିର୍ମଳା, ତାର ଉଦ୍ଦେଶ୍ୟ ?
ନାହିଁ କେବେହେଁ ତାର ଲେଶ
ଭ୍ରମଣ-ଆମୋଦେ ଜଗତ-ଦର୍ଶନ-
ବିନୋଦେ ମନୋନିବେଶ ।

Digitized by srujanika@gmail.com

ପିଲାଙ୍କ ଉନ୍ନତ ବିଦ୍ୟା ପ୍ରକାଶ
ଧନାର୍ଜନ, ତାର ଏହୁ ମନାସ;
ତରୁଣ ପ୍ରଭାତ ସ୍ୱର୍ଣ୍ଣପ୍ରକାଶ,
କୁମାରୀ କୁମାର ବୟୋବିକାଶ,
ଅମୂଲ୍ୟ ଏ ଅବକାଶ;
ଯାର ନିରର୍ଥକ ଅତପାତେ ନଷ୍ଟେ
ସମ୍ଭବେ ସର୍ବନାଶ ।

ଅଶିକ୍ଷା, ଅବିଦ୍ୟା, ପୁଣି ଅଜ୍ଞାନ
ତଦୋଷେ ବିଶୃଙ୍ଖଳେ ନିଜ ସନ୍ତାନ
ଯଦି ବୁଲୁଥିବେ ପଶୁ ସମାନ,
ଫେରି ଦେଖି ହେବ ସେ ଭଗ୍ନପ୍ରାଣ
ଅଶାନ୍ତରି ଭ୍ରମମାନ
ଅଶାନ୍ତିଭଙ୍ଗେ ନୈରାଶ୍ୟତରଙ୍ଗେ
ବୁଡିବ ନିଶ୍ଚୟ, ଜାଣ ।

ତେଣୁ ଶୁଣ ଏହି ମୋ ନିବେଦନ—
ଅଜଣା କି ଆମ୍ଭ ଦେବୀଙ୍କ ମନ
ଦେବୀଙ୍କୁ, ଯାପିଲେଁ ଯେତେ ଜୀବନ ?—
ପତି ଓ ସନ୍ତାନ ତବ ଯେସନ
ପ୍ରିୟ, ତା କର ଚିନ୍ତନ,
ଶୁଣ ମୋର କଥା ନାହିଁ କର ନାହିଁ,
କର ମୋ ବାଞ୍ଛା ପୂରଣ ।

Digitized by srujanika@gmail.com

ଯଦି ତବ ଇଚ୍ଛା ହୁଏ ଏତିକି,
ବସନ୍ତ ଅସନ୍ତେ ଫେର ଏଠି କି,
ଖ୍ୟାତି ଦେବ ଧନ ଦେବ ଯେତିକି;
ମାତ୍ର ସୁସମ୍ପତ୍ତି ମୋର ନାହିଁ କି ?
ପଠାଇଣ ଗୃହଶାଳୀକି
ପିଲଙ୍କୁ ଉଚିତେ ପଢାଇବ ମୁହିଁ
ପ୍ରାର୍ଥନା ମୋର ଏତିକି ।"

କାନ୍ଥ କୋଣ ଆଡେ ଦେଇ ଭ୍ରୂଲତା,
ଭୁଇଁ ଅଭିମୁଖେ ନୁଆଁଇ ମଥା,
ଅର୍ଦ୍ଧ ନିମୀଳିତ କରିଣ ପତା,
କହିଲ ମହିଳା ଏପରି କଥା—
"ଦୁଃଖ ଭରେ ଅବନତା
ମୁହିଁ, ଏବେ ତୁମ୍ଭ ମୁହଁ ଦେଖିବାକୁ
ମୋହର ନାହିଁ କ୍ଷମତା ।

ଯେତେ ବେଳେ ତୁମ୍ଭେ ମୋ ଘରମାଟି
ପାଦ ଦେଇ କଲ ପାବନ ଚାଟୀ,
ସେତେବେଳେ ମୋର ଦୁଃଖର ଧାଟୀ
ମାଡ ବାଜି ଗଲା ମୋହୁଅ ଫାଟି;
ଏବେ ତବ କରୁଣାଟି
ତରଙ୍ଗିଣୀ ହୋଇ ତହିଁ ବହି ଯାଇ
ତାହାକୁ ଦେଉଛି କାଟି ।

Digitized by srujanika@gmail.com

ଜୀବିତ ମୋ ପତି ମୋ ଜୀବ-ଧନ,
ମୋର ଏ ବିଶ୍ୱାସ, ଦୃଢ ମୋ ମନ;
କରିବେ ବିଦେଶୁଁ ପ୍ରତ୍ୟାବର୍ତ୍ତନ,
କରିବେ ତୁମ୍ଭର ଋଣମୋଚନ;
ଧନ୍ୟ ପରିବର୍ତ୍ତେ ଧନ
ଦେବାତ ସହଜ, ଅସମ୍ଭବ ଦୟା-
ପାଇଁ ଦୟା ବିତରଣ ।"

"ଫଳିଲାତ ତେବେ ମୋର ଈପ୍‌ସିତ ?"
ବୋଲି ଉଠିଲା ଶ୍ରୀଧର, ତା ଚିତ୍ତ
ହରଷ-ଭରସା-ରସ-ପ୍ଲାବିତ;
ଝରିଲା ନିର୍ମଳ—ଅଶ୍ରୁ ମିଶ୍ରିତ
କୃତଜ୍ଞତା-ସମ୍ବଳିତ
ଲୋଳ ନିରୀକ୍ଷଣ କଲା କ୍ଷଣ କାଳ
ତାର ଆନନେ ନିହିତ ।

Digitized by srujanika@gmail.com

ପ୍ରେମଫଳ

ନିର୍ମଳା-ନିର୍ମଳ-ପ୍ରେମ-ଅଲୋକ-ବିଭବେ
ସମୁଜ୍ଜ୍ୱଳ ଅବ୍ୟାହତ ସୁଖ ଅନୁଭବେ
ଶିଶୀଧର ଯାପିଥିଲା କୁମାର ଜୀବନ,
କଲା ତା ତାମସୀ–ନିଶା-ଅକାର ଧାରଣ;
ତହିଁ ଘୋଟିଲା ନୈରାଶ୍ୟ- କାଳମ୍ବୁଦ-ଚୟ,
ଯା ଅନ୍ତରେ ଅପ୍ରକାଶ୍ୟ ପବିତ୍ର ପ୍ରଣୟ-
ବିଦ୍ୟୁତ ରହେ ସେଦିନୁଁ; ଯେ ଦିନାବସାନେ
ପ୍ରେମିକ ପ୍ରେମିକା ଏକ ଦେହେ ଏକ ପ୍ରାଣେ
ଛନ୍ଦାଛନ୍ଦ ଯେନାଯେନ ହୋଇଲେ ଉଦ୍ୟାନେ
ଶୁଦ୍ଧ ଧୌତ ପ୍ରେମ-ପାରାବାର-ବୀଚି-ସ୍ନାନେ
ହୃଷ୍ଟ ପୁଷ୍ଟ ପ୍ରେମଫଳ ପ୍ରଥମ ଆସ୍ୱାଦେ,
ଦେଖା ଦେଲେ ତାର ତନୁ ମନ ଅବସାଦେ ।
ପାହିଗଲା ସେହି ଦୀର୍ଘ କରାଳ ଯାମିନୀ
ଶ୍ରୀଧର ଜୀବନେ ଅଜ ନିର୍ମଳା–ସଙ୍ଗିନୀ-
କୁମାରୀ-କୁମାର ଗୃହୁ ଆସ୍ୟ ମନ୍ଦ ହାସ-
ଲସ୍ୟେ ଅସିଲଣି ପୂର୍ବ ଆଶାର ଆଭାସ ।

Digitized by srujanika@gmail.com

ଯେ ସଖୀପ୍ରତି ଶାଶ୍ୱତ ପ୍ରଣୟ ମଶାଲ
ଏକା ଆପଣାର ହୃଦ-ମନ୍ଦିରାନ୍ତରାଳ
କରେ ଆଲୋକିତ ଜାଳି ପ୍ରାଣବନ୍ତ ମଧ୍ୟେ
ବିଲେପିତ ଅତୃପ୍ତି-କାଳର ସଞ୍ଚୟେ;

ସଙ୍ଗିନୀର ପୁତ୍ରକନ୍ୟା ସୁସ୍ନିଗ୍ଧ ବଦନେ
ଉଚ୍ଚାରିତ 'ବାପା ବାପା' ସ୍ୱର ପ୍ରକମ୍ପନେ
ଲଭିଲଣି ସେହି ଚିରପୁଷ୍ଟ କଳାରଜ,
ଲଭିଲ ପରମ ତୃପ୍ତି ଶିଶୁଧର ଆଜ ।

ପଢ଼ା ଲଗି ପିଲାଙ୍କର ବହି ପଠା ଅଧ,
ଅଉ ଯେତେବେ ଯାହାକୁଛି ସମସ୍ତ ସମ୍ବାଦ
ନେଉଛନ୍ତି ଶ୍ରୀଧର ସଦା ଆମୋଦ ଅମାପ,
କରି ଆପଣାକୁ ଆଜେ ତାଙ୍କ ପ୍ରିୟ ବାପ ।

କିନ୍ତୁ ଚିରନ୍ତନ ପ୍ରିୟତମ ଅଭୀପ୍ସିତ-
ସିଦ୍ଧିରୁ କଲା ସେ ନିଜ ହୃଦକୁ ବଞ୍ଚିତ;
ଯାଏନାହିଁ ନିର୍ମଳାର ଘର ସାଧାରଣ,
ପାଏନାହିଁ ତାର ମୁଖ-ପଦ୍ମ-ସନ୍ଦର୍ଶନ;

ଜନମାଏ ନିନ୍ଦା ଗାଁର ଗଳ୍ପର କଳ୍ପନା,
ଏହି ଭୟେ ବ୍ୟସ୍ତ ଶିଶୁଧର, ଭୂତମନା ।
ମାତ୍ର ସେ ପଠାଉଥାଏ ପିଲାଙ୍କ ହାତରେ
ବିବିଧ ପଦାର୍ଥମାନ ନାନାକଉଶଳେ,

ନିଜ ବଗିଚାର ବହୁବିଧ ସଜଫୁଲ,
ସଜ ଫଳ ମୂଳ ଶାଗ, ସପୁରି ପୃଉଲ;

Digitized by srujanika@gmail.com

ବନ୍ଧୁତାର ଗଉରବ ରୂପ ଆବରଣେ
ଦାତୃତାର ସମ୍ଭାବନା ଘୋଡାଇ ଗୋପନେ ।
ଶ୍ରୀଧର ଯଦି ଭେଟଇ ନିର୍ମଳାର ଦ୍ୱାରେ
ତା ହୃଦ ଉଚ୍ଛୁଳି ଉଠେ କୃତଜ୍ଞତା ଭରେ,
ଧନ୍ୟବାଦ ପ୍ରକାଶନେ ସେ ଭାଷି ନ ପାରେ
ନିରୁଦ୍ଧ କଣ୍ଠେ ପଦେ ବା ଦୁଇପଦ ବାରେ ।
ସେ ନ ଜାଣେ ଶ୍ରୀଧରର ହୃଦ-ଗଭୀରତା,
ତାର ପିଲାଙ୍କର ସେହୁ ରକ୍ଷକ ସର୍ବଥା ।

ଶିଶ୍ରୀଧର ଧାମ ଆଶ୍ରମ ସକଳ ବୈଭବ
ମଣି ଆପଣାର କରୁଥାନ୍ତି ଅନୁଭବ,
ବଢାନ୍ତି ସ୍ୱଚ୍ଛନ୍ଦ ମତେ ନିଜର ପ୍ରଭାବ,
ଜାଣି ନ ପାରନ୍ତି ପିଲେ ଦୁଃଖ ବା ଅଭାବ ।
ଦୂରଦୂରୁଁ ସାହି ସାହି କୋଣ କୋଣୁ ଧାଇଁ
ଧାଇଁ ଆସିଯାନ୍ତି ଦୁହେଁ ତାର ଚୁମା ପାଇଁ,
ତାଙ୍କ 'ବାପା, ବାପା', ଏହି ସ୍ନେହମୟ ଡାକେ
ନିଜକୁ ଶ୍ରୀଧର ମଣେ ସୁଖୀ ସ୍ୱର୍ଗ ଲୋକେ ।
କେତେ ପରସ୍ପର କ୍ଷୁଦ୍ର କଳହର କଥା,
କେତେ ବା ଲୀଳଖେଳର ରଙ୍ଗରସ କଥା
କହୁଥାନ୍ତି ଅହରହ କୁମାରୀ କୁମାର,
ଶୁଣଇ ଶ୍ରୀଧର ଶାନ୍ତେ ନ ହୁଏ ବିକାର ।
କେବେ କେବେ ଲମ୍ବିଯାନ୍ତି ପ୍ରେମେ ତାର ଗଳେ
କେବେ ବା ତା କୋଳେ ବସି ହସନ୍ତି ସ୍ନେହରେ,

Digitized by srujanika@gmail.com

କେବେ କେବେ ତାର ସଙ୍ଗେ ମାତ ଯାନ୍ତି ଖେଳେ,
ନାଚି ନାଚି ଗାଉଥାନ୍ତି ଗୀତ କେତେବେଳେ,
ହସି ହସି ଇଚ୍ଛାମତ କାର୍ଯ୍ୟ କରୁଥାନ୍ତି,
ଜନମାନ୍ତି ଶ୍ରୀଧର ମନେ ସୁଖ ଶାନ୍ତି ।
କ୍ରମେ କ୍ରମେ ତାଙ୍କ ମନୁ ବସନ୍ତ ମୂରତ
ତିରୋହିତ ହୋଇଗଲା, ତାର ଏହି ଗତ:
କି ସ୍ୱପ୍ନର ଲୀଳା, ଅବା ଅଯଥାର୍ଥ ମାୟା;
କିବା ସରସ୍ତଟବର୍ତ୍ତୀ ବିଟପୀର ଛାୟା,
ଯେ ଦଶେ ଅସ୍ପଷ୍ଟରୂପେ ନିଶାଗମକାଳେ
ସୁନିଶ୍ଚଳ ସୁଗମ୍ଭୀର ଜଳ ଅନ୍ତସ୍ତଳେ;
କି ଅବା ଏକ ଅଜଣା ବ୍ୟକ୍ତିର ଆକାର,
ପ୍ରଭାତର ପ୍ରାଥମିକ ଆଲୁଅ-ଅନ୍ଧାର
ବେଳେ ଦୂରେ ବାଟେ ଯାର ଅସ୍ଫୁଟ ଦର୍ଶନ,
ଜାଣି ନୁହେଁ କେଉଁ ଦିଗେ ଯାହାର ଗମନ ।
ରହିଲା ଅଦୃଶ୍ୟ କାଳ-ନିର୍ମିତ ଅନନ୍ତ
ବିସ୍ମୃତି-ଯବନିକାର ଉଢାଲେ ବସନ୍ତ;
ଅଭିନବ ଭାବଭଙ୍ଗୀ ରସିକତା ସଙ୍ଗେ
ଖେଳଇ ଶ୍ରୀଧର ରଙ୍ଗେ ତାଙ୍କ ହୃଦ-ରଙ୍ଗେ ।
ଦଶବର୍ଷ ବିତିଗଲା ବସନ୍ତ ବୃତ୍ତାନ୍ତ,
କାଳଚକ୍ର ଆବର୍ତ୍ତିନେ ରହିଲା ଅଜ୍ଞାତ ।

ଦିନେ ମନୋହର ରବି ଅସ୍ତମୟ ବେଳେ
ବଗାଇଲେ ମନ ଫଳ ଫୁଲ ସହ ଖେଳେ,

Digitized by srujanika@gmail.com

ନିର୍ମଳ ଜନନୀ ସହ ଉପବନ ସ୍ଥଳେ
ଯିବାକୁ ବାଞ୍ଛିଲେ ବେନି ପିଲା କୁତୂହଳେ ।
ସଙ୍ଗେ ଆସିବାକୁ ଶିଶୁ-ବାପାକୁ କହିଲେ,
କାର୍ଯ୍ୟ-ବ୍ୟଗ୍ର ଥିଲା, ନାହିଁ କଲା ସେ ପହିଲେ;
ନ ଛାଡ଼ିଲେ ପିଲେ ତାକୁ ପ୍ରେମେ ଧରି କରେ
ଓଟାରିଲେ, ବଳେ, ତେବେ ହସି ପ୍ରୀତି-ଭରେ
ମେଣ୍ଟାଇଲା ଶିଶୁ-ବାପ ତାହାଙ୍କ ମନାସ;
ଛାଡ଼ିବାକୁ ନିର୍ମଳର ସଙ୍ଗ ଅବକାଶ ?

ପ୍ରଫୁଲ୍ଲ ମନେ ପର୍ବତେ ଅନ୍ୱେଷଣ କଲେ,
ବିଲୋକିଲେ ଉପତ୍ୟକା ସେଠୁଁ ଶୈଳ ତଳେ:
ଋତୁରାଜ ବସନ୍ତର ଶୋଭାର ପସରା,
ସୁମନ-ଆମୋଦ-ଭରା, ଭବ-ଖେଦ-ହରା ।
ମରକତ-ଶୋଭି-ପତ୍ର-ଦୁକୂଳ-ଧାରଣେ,
ନବ-ପ୍ରବାଳ-ସୁବର୍ଣ୍ଣ-ପ୍ରସୂନ-ଭୂଷଣେ
ଅଳଙ୍କୃତା ହୋଇ ବନ-ଲକ୍ଷ୍ମୀ ବିଳସିନୀ
ମାଧବ-ସଙ୍ଗମେ ଘନ-ଆମୋଦ-ଶାଳିନୀ ।

ପ୍ରସ୍ତର ଖଣ୍ଡ ଅନ୍ତର ଦେଇ ଝର ଝରେ
ଝର, ପ୍ରେମଗାନ କରେ ଝର ଝର ସ୍ୱରେ;
ଅଲିଙ୍ଗି କୋମଳ ଲତା-ଯୁବତୀ-ଶରୀର
ଉଛାରଇ ପ୍ରେମମତ୍ତ ସୁଧୀର ସମୀର;
ପୁଷ୍ପ-ସଖୀ-ହୃଦ-ମଧୁ ଆସ୍ୱାଦି ସୋହାଗେ
ଗାଏ ପ୍ରେମଗୀତ ଭୃଙ୍ଗ ପ୍ରିୟ ନବ ରାଗେ;

Digitized by srujanika@gmail.com

କୋକିଳ କୁମାର ଯେବ ଚୂତ କିଶଳୟ
ଗୁଞ୍ଜିଲା ପ୍ରେମର ଅର୍ଘ୍ୟ ଡାକ ମଧୁମୟ;
ସେ କି ପ୍ରେମ ଦେବତାର ଦିବ୍ୟ ଆମନ୍ତ୍ରଣ,
କିବା କାମ ଦେବତାର ନାମ ସଙ୍କୀର୍ତ୍ତନ ?

ବାଞ୍ଛିତ ପ୍ରିୟ-ସୁନ୍ଦରୀ-ପ୍ରଣୟ-ବଞ୍ଚିତ,
ଚିର-ସଞ୍ଚିତ-ନିଗୂଢ଼-ବେଦନା-କୁଞ୍ଚିତ
ହୃଦୟ ଯେପରି ଅନୁକୂଳ ଭାଗ୍ୟ ଯୋଗେ
ନୂତନ ଶୋଭା-ଲକ୍ଷ୍ମୀର ଆଶାଫଳ ଭୋଗେ,
ସେପରି ମଧୁ ମାସର ପ୍ରସାଦ ପ୍ରଭାବେ
ପଲ୍ଲବିଲା ନବପ୍ରାଣେ ଉପତ୍ୟକା ଠାବେ
ଜୀର୍ଣ୍ଣ ଶୀର୍ଣ୍ଣ ଶୁଷ୍କ ତରୁ ନିର୍ଜୀବ କଙ୍କାଳ,
ଶୀତ-ବାତ-ଘାତେ ଶ୍ରାନ୍ତ, ଯାର ଶୋଭା ଛାଲ ।

ଗୁପତେ ହୃଦେ ପୋଷିତ ଚିରକାଳ ଯାଏ,
ବହିର୍ଗତ ପରିଣତ ପ୍ରଣୟ ପରାଏ,
ବସନ୍ତ-ସମୀର-ସ୍ପୃଷ୍ଟ-କୁସୁମ ଗରଭ-
ମୁକ୍ତ ହୋଇ ଚଉଦିଗେ ଖେଳିଲା ସୌରଭ ।
ଅପ୍ରକାଶିତ ଅଚେଷ୍ଟ ଦବଦାଗ୍ନି ନୂଆ
ଜ୍ୱାଳ ଉଠୁଁ ଯଥା ବ୍ୟାପେ ପରିତାପ ଧୂଆଁ,
ତଥା ଅରୁଣ-ପଲ୍ଲବ-ପ୍ରସୂନ-ନିକରେ
ମଧୁ ଅଶେଷ ଲୁବ୍ଧ ହୋଇ ଭ୍ରମିଲେ ଭ୍ରମରେ ।
ହରି ଏକ ଲତା-ତନ୍ୱୀ-ସୁମନ-ସୁବାସ
ରସେ ତହୁଁ ଏକ ଅଳି ରସିକ ସୋଲ୍ଲାସ;

Digitized by srujanika@gmail.com

ତା ଦେଖି ନିଜ ଅତୀତ ଭୋଗ ପଡ଼ି ମନେ
ଧାଏଁ କି ଆନ ବସନ୍ତ-ଭୃଙ୍ଗ କେଉଁଣେ ବନେ ?

ଅଧେ ବାଟ ମାଡ଼ି ଶୈଳ ଉପରୁ ଓହ୍ଲାଇ
ଆଉ ଚାଲିବାକୁ ପାଦେ ଶକତ ନ ଥାଇ
ବସିଲ ନିର୍ମଳା ଏକ ଶିଳରେ ଅଯ୍ୟାସେ,
ଉପବିଷ୍ଟ ହେଲ ଶିଶ୍ରୀଧର ତାର ପାଶେ ।
କୁମାରୀ କୁମାର ବୁଲି ଗଲେ ଇଚ୍ଛାମତେ
ଅନ୍ୟାନ୍ୟ ବାଳ ବାଳିକାମାନଙ୍କ ସଙ୍ଗତେ ।
ଉଆଁ ମାରି ବନପଥେ ବିଚରଣ କଲେ,
ହୋଇଲ ପ୍ରତିଦ୍ୱନ୍ଦ୍ୱ ଧରା କୋଳାହଳେ ।
ଟିକି ନୁଆଁଇ ହାତରେ ଲତା ବୃକ୍ଷ ଡାଳ,
ତୋଳନ୍ତି ଇଚ୍ଛାନୁସାରେ ପୁଷ୍ପଫଳ ଜାଳ;
ପରସ୍ପରେ ଆନନ୍ଦରେ ମାରନ୍ତି କୁହାଟ
ପିଲମାନେ କରି ସେହି କାନନକୁ ହାଟ ।

ଶିଶ୍ରୀଧର ନିର୍ମଳାର ପାର୍ଶ୍ୱେ ଆସୀନ,
ଭୁଲିଲ ତା ଉପସ୍ଥିତି, ହୋଇ ଧ୍ୟାନଲୀନ;
ମନେ ପକାଇଲ ଏକ କୁକ୍ଷଣ, ଯେ କ୍ଷଣେ
ଦେଖି ଏକ ମର୍ମଭେଦୀ ଦୃଶ୍ୟ ଏହି ବନେ
ଲେଉଟି ଥିଲ ଅଭାବେ ନିବୃତ୍ତ ନୟନେ
ଶରାହତ ମୃଗ ପରି ବ୍ୟଥିତ ଜୀବନେ ।
ଭାବନା-ଲୋକରୁ ଫେରି ଅଳ୍ପେ ମଥା ଟେକି
ଭାଷିଲ ଶ୍ରୀଧର ତହୁଁ ନିର୍ମଳା ନିରେଖି,

Digitized by srujanika@gmail.com

"ଶୁଣ, ଗୋ ନିର୍ମଳା, ଦୂରେ ପିଲାଙ୍କ ଚଞ୍ଚଳ,
କେତେ କୌତୁକ, ମଉଜ, କେତେ କୋଳାହଳ !"
ରହିଲା ନିର୍ମଳା ମୌନେ, ନ ଦେଲା ଉତ୍ତର,
ପୁଚ୍ଛିଲା ପୁଣି, "ନିର୍ମଳା, ହେଲୁ କି କାତର ?
କିପାଁ ସହ ଏତେ ଦୁଃଖ" ଦେଖି ସେ ସମୟେ
ତା ମୁହିଁ ଯେ ଲଇଁ ଗଲା ଘାଣିର ଅଶ୍ରୁୟେ,
"ବୁଡ଼ୁଛି, ବୁଡ଼ୁଛି, ନିଷ୍ଟେ ବୁଡ଼ୁଛି ସେ ନାବ;
ବୃଥା ଆଶା କର ଅଜ ତା ପାଇଁ ନ ଭାବ;
କାହିଁ ପାଇଁ ତୁମେ ବୃଥା ଝୁରି ଝୁରି ମର,
ବଞ୍ଚିତ କର ପିଲାଙ୍କ ସୁଖରୁ ତୁମର ?"
ବୋଇଲା, ଯେପରି ସ୍ୱଗ କନ୍ଦିଲା ଅନ୍ତରେ;
ଉତ୍ତରିଲା ଧନୀ, "ତା ମୁଁ ଭାବନା ନ କରେଁ,
ମାତ୍ର ଶୁଣି ପିଲାଙ୍କର ସେହି କଣ୍ଠ ଧ୍ୱନି,
ଅନୁଭବ କରେଁ ମନେ, ମୁହିଁ ଏକାକିନୀ ।"

ତହୁଁ ଟିକିଏ ପାଖକୁ ଘୁଞ୍ଚି ଶିଖାଧର
ପ୍ରକାଶ କଲା ନିଗୂଢ଼ ପ୍ରୀତି ମାନସର:
"ଅଛି, ଗୋ ନିରୁ, ଗୋଟିଏ ମୋ ମନ-ମନ୍ଦିରେ,
କଥା, ତା ନିବାସ କରି ଆସୁଅଛି ଚିରେ;
ନ ଜାଣଇ ସେଠି କେବେ ଆଗମନ ତାର,
ଜାଣଇ ମୁଁ ତାହା ଶେଷେ ପଡ଼ିବ ବାହାର ।

କିପାଁ ତାର ଆଶେ କର ଦିବସ ଗଣନ
ବିଶ୍ୱାସ ନୁହଇ ଥିଲାପରି ତା' ଜୀବନ,

Digitized by srujanika@gmail.com

ଯେଦିନୁ ତୋତେ ଘୁଡ଼ ଦେଇ ସାଗରାତଳଜଳେ
ଯାଇଥିଲା ଦୀର୍ଘ ଦଶବର୍ଷ କାଳ ଚଳେ ।
ନାହିଁ ସାହା କେହି, ସଦା, ବିରସ ବଦନ,
ଅନାଥା, ଅଭାଗୀ ହୋଇ ଯାପୁ ଯେ ଜୀବନ,
ତା ଦେଖି ଅନବରତ ମୋର ଏ ହୃଦୟ,
ଜାଣୁ କି, ନିରୁ, କିପରି ବ୍ୟାକୁଳ, ଅଥୟ ?
ଏବେ କେଉଁ ମତେ ହେବ ସହାୟ ତୋହର,
କରିବ ଅଳାପ ଭରି ଅନ୍ତରେ ଅନ୍ତର ।

ଜହ୍ନନ୍ତ୍ର, ଅଙ୍ଗନାମତ ଚତୁର—ମୋ ଭାବ
ଜାଣିଥିବୁ—ପତ୍ନୀ ରୂପେ କରେଁ ତୋତେ ଲଭ ।
ପିତା ହେବ ଏ ପିଲାଙ୍କ; ମୋତେ ପିତାପରି
ଭଲପାନ୍ତି ସେମାନେ, ଏ ବିଶ୍ୱାସ ମୋହରି;
ଜନମାଇ ହୃଦେ ମୋର ସ୍ୱସନ୍ତାନ ଭାବ
କରିବ ତାହାଙ୍କୁ ସଦା ମୋ ପ୍ରେମର ଠାବ ।
ରଖ ମୋ ବିନତି, ନିରୁ, କର ଅଙ୍ଗୀକାର,
ଦୁଇଁପାଉ ଜବେ ଦୁଃଖ ଯାତନା ସମ୍ଭାର,
ଆସ, ଭୋଗିବା, ସେ ସୁଖ, ସେ ତୃପ୍ତି, ଯା ବିଧି
ନିଜ ସୃଷ୍ଟିର ପ୍ରାଣୀଙ୍କ ଭାଗ୍ୟେ ଛନ୍ତି ବନ୍ଧି ।

ମାନସେ ବିଚାର, ମୁହିଁ ଧନୀକ କୁମାର,
ନାହିଁ ମୋର କେହି ବନ୍ଧୁ ଅବା ପରିବାର;
ନାହିଁ ଚିନ୍ତା, ନାହିଁ ଭୟ କିବା ଗୁରୁ ଭାର,
ତୁମ ପିଲେ ତୁମେ ହେବ ମୋହର ସଂସାର ।

Digitized by srujanika@gmail.com

ପୁଣି ତୁମେ ଜାଣ ଅମ୍ଭ ଅତୀତ ଜୀବନେ
ବେଣୀଙ୍କୁ କେମନ୍ତେ ଚାହ୍ନି ଅଛେ ମନେ ମନେ;
ତୁମେ ନ ଜାଣିବା ଅଗ୍ରୁ ତୁମ ପାଇଁ, ନାଥ,
ମୋର ପ୍ରେମିକ ମାନସ ଅର୍ପିଅଛି ତାରୁ ।"

ଉଦ୍ଗିଲା ନିର୍ମଳା ଧୀରେ ଉତ୍ତର ଏସନ
ନବନୀତ ସୁକୋମଳ ସୁସ୍ନିଗ୍ଧ ବଚନ:
"ଈଶ୍ୱର ପ୍ରେରଣେ ଆସିଅଛ ଅମ୍ଭ ଦ୍ୱାରେ
ଦେବତା ରୂପେ ନିଯୁକ୍ତ ବିପଦ-ଉଦ୍ଧାରେ;
ତା ପ୍ରତିଫଳେ ତୁମ୍ଭଙ୍କୁ ସେ ଜଗଦୀଶ୍ୱର
ରକ୍ଷା କରନ୍ତୁ ସର୍ବଦା, ଅହେ ଶ୍ରୀଧର !
ଦିଅନ୍ତୁ ଏକ ସୁବସ୍ତୁ ଆନନ୍ଦ-ଅସ୍ପଦ,
ଯେ ଅଭାଗୀ ମୋ ଅପେକ୍ଷା ଅଧିକ ସୁଖଦ ।
କରି ପାରିବ କି ଦୁଇଥର ପ୍ରେମଦାନ
କେହ୍ନ ଭବେ ? କେବେ ହେଲେ ବସନ୍ତ ସମାନ
ଲଭ କରି ପାରିବ କି ତୁମ୍ଭେ ମୋ ହୃଦର
ପ୍ରେମ ? କେଉଁ ଅଭିଳାଷ ତୁମ୍ଭର, ଶ୍ରୀଧର ?"

"ହେଉ ବସନ୍ତ ପ୍ରଥମ ତବ ପ୍ରେମଲାଭେ,
ଦ୍ୱିତୀୟ ହୋଇଲେ ସୁଖୀ ଆପଣାକୁ ଭାବେଁ ।"
ଏହୁ ମର୍ମସ୍ପର୍ଶୀ ଦୀନ ସନ୍ତୁଷ୍ଟ ଭାରତୀ
ଶୁଣି ସୁପବିତ୍ର ଗିରେ ଉତ୍ତରିଲ ସତୀ,
"ଓଃ, ପ୍ରିୟ ସୁଶିକ୍ଷିତ, ଟିକିଏ କର ହେ ଅପେକ୍ଷା,
ବସନ୍ତ ଯଦି ଆସିବେ—ଆଉ ତାଙ୍କ ଦେଖା

Digitized by srujanika@gmail.com

ସ୍ୱପ୍ନର କଥା—ତଥାପି ଟିକିଏ ସମ୍ଭାଳ,
ବର୍ଷେ ମାତ୍ର, ବର୍ଷେ ନୁହେ ସେତେ ଦୀର୍ଘ କାଳ—
ଏହି ବ୍ୟବଧାନେ ମୋର ତୁଟିବ ସଂଶୟ,
ଉପଯୁକ୍ତ ସୁବରର କରିବ ନିଶ୍ଚୟ;
ସମ୍ଭାଳ ଟିକିଏ—" ତହୁଁ ହୃଦେ ଦୁଃଖ ବହି
କହିଲା ଶ୍ରୀଧର, "ସହି, ଅଛି ସିନା ସହି
ମୋ ଜୀବନ ଯାକ; ଆଉ କିଛି ମାତ୍ର କାଳ
ଜଗିତ ପାରିବି, କିନ୍ତୁ, ନୋହି ଅସମ୍ଭାଳ।"
ଭାଷିଲ ନିର୍ମଳା, 'ନା, ନା, ଭାବ ନା ଅନ୍ୟଥା,
ହୋଇଲଣି ବଡା ମୁହିଁ, ଦେଲଣି ତ କଥା;
ଏକ ବର୍ଷେ ତା ଫଳିବ; ସେ ବେଳକୁ ମୁହିଁ
ରହିବି, ମୋପର ତୁମ୍ଭେ କି ରହିବ ନାହିଁ ?"
ଏବଚନାମୃତେ ହେଲା ଆଶ୍ୱସ୍ତ, ଶ୍ରୀଧର
'ଜଗିବି ମୁଁ ଏକ ବର୍ଷ' ଦେଲା ସେ ଉତ୍ତର।

ସ୍ତବ୍ଧ ଚେତନା କଣ୍ଠ, ସ୍ତବ୍ଧ ଦିବସ; ବରୁଣ-
ଦିଗ ଚକ୍ରବାଳ ତଳେ ବୁଡିଲେ ଅରୁଣ;
ଯାଉଥିଲା ତେଣେ ସନ୍ଧ୍ୟାରାଗ ଘୁଞ୍ଚି ଘୁଞ୍ଚି,
ଆସୁଥିଲା ଏଣେ ଅନ୍ଧକାର ମାଡି ମାଡି।
ତୃଷ୍ଣି ସାର ହେଲା ନିଶା-ଆଗମନ-ଠାଣି
ଆଉ ସେଠାରେ ରହିବା ଅନୁଚିତ ଜାଣି
ଶ୍ରୀଧର ପକାଇଲା ଡାକ ଉଚ୍ଚସ୍ୱରେ
ନିମ୍ନସ୍ଥ ଅରଣ୍ୟ ସ୍ଥଳେ, ଶୁଣିଲେ, ସତ୍ୱରେ

Digitized by srujanika@gmail.com

ନିଜ ନିଜ ଘରୁ ଆଣି ଫଳଫୁଲ ଘେନି,
ହରଷେ ପହଞ୍ଚିଲେ ପାଶେ ପ୍ରୀତି କନ୍ୟା ବେନି,
ଫେରିଲେ ସକଳେ; ସଖୀ ଗୃହଦ୍ୱାରେ ଛଟେଣ
ରହି କହିଲା ଶ୍ରୀଧର ଧୀର ଗଳା ସ୍ୱନେ,
“ଯେତେବେଳେ ଆଜ ମୁହିଁ ଆଣିଲି ପ୍ରସ୍ତାବ,
ହେଲା ତୁମ ମାନସିକ ବଳର ଅଭାବ;
କ୍ଷମ ମୋର ଦୋଷ; ତବ ଆଜ୍ଞା ଅନୁବର୍ତ୍ତୀ,
ମୁହିଁ, ସ୍ୱାଧୀନା ସର୍ବଦା ଅଛ, ତୁମେ ସତି ।”
ତା ଶୁଣି ନିର୍ଧନ ଝରି ଅଶ୍ରୁ ଗଦଗଦେ
କହିଲା ନିର୍ମଳ, “ବନ୍ଧା ମୁହିଁ ମୋର ପଦେ ।”

କୁହୁକ ପର ଅଳପେ ବର୍ଷେ ଗଲା ଗୁଳି;
ହେଉଥିଲା ବ୍ୟଗ୍ର କାହେଁ ନିର୍ମଳ ଧଢ଼ାଳି;
ବାଜୁ ଥିଲା ସଦା ସେହୁ କଥା ତା ଶ୍ରବଣେ,
ଘାର ହେଉଥିଲା ସଦା ସେ କଥା ତା ମନେ;
ସେ ନ ଜାଣିବା ଅଗରୁ ତା ପାଇଁ ସେ ଗୁଣୀ
ନିଜ ପ୍ରେମିକ ମାନସ ଅର୍ପି ଥିଲା ପୁଣି;
ନୂଆ ଦେଖା ଯାଉଥିଲ ହେଳପର କାଳି,
କୁହୁକ ପର ଅଳପେ ବର୍ଷେ ଗଲା ଗୁଳି ।
ଯେପରି ଏକ ବସନ୍ତ ଭଙ୍ଗ ହୋଇ ଅନେ
ଶିଶ୍ୱ ବଳାଶେ ଶୋହିଲା ଝିଣ-ବ୍ୟବଧାନେ ।
ଉପସ୍ଥିତ ହେଲା ଅସି ଶିଶ୍ୱଧର ପାଶେ,
ନିର୍ମଳର ପ୍ରତିଶ୍ରୁତ ପୂରଣ ସକାଶେ;

Digitized by srujanika@gmail.com

"କେତେ ଯାଇଛୁ କି ବର୍ଷେ ?" ପଚାରିଲା ଧନୀ,
"ହଁ, ଅଛି ଦେଖ ବାହାରେ," ଉତ୍ତରିଲେ ଧନୀ,
"କେତେର ପାଦପ ଲତା ଧରିଛନ୍ତି ଫୁଲ,
ମଧୁ ଅନ୍ୱେଷି ମଧୁବ୍ରତେ ହେଉଛନ୍ତି ଢୁଳ !"
କହିଲା ନିର୍ମଳା, "ପୁଣି ମାସେ ଯାଅ ଯାଉ,
ଏହି ବ୍ୟବଧାନ, ବେଶୀ ଡେରି ନାହିଁ ଆଉ;
ମୁଁ ଯେ ପ୍ରତିଶ୍ରୁତ ଅଛି ଭଲ କରି ଜାଣେ ।"
ଲାଗିଲା ଅଧିକ ବ୍ୟଥା ଶ୍ରୀଧରର ପ୍ରାଣେ;
ତତ୍ର ଅଜୀବନ-ସୁଧା-ସମ୍ଭୃତ-କୋଷକେ
ଅଧର-ସ୍ପନ୍ଦନେ କଣ୍ଠସ୍ୱର ପ୍ରକମ୍ପନେ
ସମ୍ଭାଷିଲା, "ନାଥ, ନାଥ, ନାଥ, ଏ ପ୍ରକାରେ
ଯେତେ ଦିନ ନେବ, ନାଥ, ଇଚ୍ଛା ଅନୁସାରେ ।"

ତା ଦୈନ୍ୟ କାରୁଣ୍ୟ ବହି ବେଧ ତ ପାରଇ,
କିନ୍ତୁ ସତୀ କଲମ୍ବକୁ ବେଧି ନ ପାରଇ ।
ବାରଣରୂପ ଅନେକ ବ୍ୟର୍ଥ ଅବିଶ୍ୱାସ୍ୟ
କଥା କହି କହି ଅନ୍ତ ଛଅ ଗୋଟି ମାସ
ଠେଲି ଦେଲା ପତିବ୍ରତା କରିଣ ପରୀକ୍ଷା
ତାହାର ଚିର ତିତିକ୍ଷା, ତାର ସତ୍ୟଦୀକ୍ଷା ।

ଲୋକ ନିରର୍ଥକ ଗଲ୍ପ ଏହି କଥା ଏକା
ଘାଟେ ହାଟେ ସବୁ ବାଟେ ହେଉଥିଲା ଟେକା ।
କେହି ଭାବିଲେ, "ନିର୍ମଳା ଭାଗ୍ୟ ହଠେନ୍ଦା
ଦେଖି କରୁଅଛି ଦେଖ ଶିଶୀଧର ଥଟ୍ଟା ।"

Digitized by srujanika@gmail.com

କେହୁ ବା ଭାବନ୍ତେ, "ତାଙ୍କୁ ନିଜ ଇଚ୍ଛା ଜାଣି-
ଗଢ଼ୀ ଚଢ଼ିବାକୁ ନାହିଁ ଦେଉଅଛୁ ଟାଳ ।"
ଆଉ କେତେ ମନେ ଭାବେ "ନିର୍ବୋଧ ଉଦୟ
ଜାଣନ୍ତି ନାହିଁ ଆପଣା ଆପଣା ହୃଦୟ ।"
କେଉଁ ବା ଦୋଷ ଆରୋପିଲେ ବୃଦ୍ଧଙ୍କ ଅଗ୍ରରେ;
ଏକ ଲୋକ ମୁଣ୍ଡେ କଥା ଏମନ୍ତ ସଂସାରେ ।

ଏ ସମୟେ ନିର୍ମଳର ପୁଅ ମୌନବ୍ରତୀ,
ଦୃଷ୍ଟି ଭଙ୍ଗି ପ୍ରକାଶିଲା ନିଜର ସମ୍ମତି;
ଜନ୍ୟା ମାନ ଜଡ ଧରି କରେ ପ୍ରବୋଧନ
କରଇ ସତତ ଉପକାରର ସୂଚନା,
ତାହାଙ୍କ ଅବିଳମ୍ବିତେ ହୋଇବାକୁ ବାହା,
ଯେ ଚହାଇଥିଲେ ବିପଦ ବେଳେ ତାଙ୍କ ସାହା,
ଯେ ଥିଲେ ସମସ୍ତଙ୍କର ପ୍ରଣୟ-ଭାଜନ,
ଯେ କରିବେ ଦାରିଦ୍ର୍ୟରୁ ଜବେ ଉଦ୍ଧରଣ ।
କ୍ରମେ କ୍ରମେ ଶ୍ରୀଧରର ସୁନ୍ଦର ବଦନ,
ଯା ଥିଲା ଯୌବନ-ରାଗ-ଶୋଭାର ସଦନ,
ବଦଳିଗଲା ଉଦ୍ବିଗ୍ନ, ବିବର୍ଣ୍ଣେ ଯେସନେ
ମ୍ଲାନ ମୁକୁଳିତ ପଦ୍ମ ତୁଷାର ପୀଡ଼ନେ ।

ଏ ସବୁ ନିର୍ମଳ ପ୍ରାଣେ ସୂତୀକ୍ଷ୍ଣ ଯନ୍ତ୍ରଣା
ପ୍ରାୟେ ବାଜିଗଲା, ଆଣି ନୂତନ ବେଦନା ।
ଅବଶେଷେ ଏକ ନିଶା-ସମୟେ ନିର୍ମଳା
ଅନ୍ତଃଦ୍ୱାରେ ବ୍ୟତିବ୍ୟସ୍ତା, ନିତାନ୍ତ ବିକଳା,

Digitized by srujanika@gmail.com

"ଜୀବିତ କି ଅବା ମୃତ ମୋ ପ୍ରିୟ ଭରତା,"
ଏ ସଂଶୟେ ପଡ଼ି ଚିନ୍ତା ନ ପାଇ ବାରତା,
ଶୋଇଲା, ଦେଖିଲା ଏକ ବିଚିତ୍ର ସ୍ୱପନ,
ସ୍ୱପନେ ଲଭିଲା ପ୍ରିୟ ବସନ୍ତ ଦର୍ଶନ—
ସୁନ୍ଦର ନନ୍ଦନ-ତୁଲ୍ୟ ନିର୍ଜନ ଉଦ୍ୟାନେ
ଆସୀନ ବସନ୍ତ, ମାତଅଛନ୍ତି ଗାଢ଼ ଧ୍ୟାନେ ।

ଉଠିଲା ନିଦ୍ରାରୁ ବାଳା, ଚମକିଲା ମନ,
ହେଲା ସେହିକାଳେ ତାର ସନ୍ଦେହ ଭଞ୍ଜନ ।
ଭାବିଲା ମନେ, ବସନ୍ତ ସ୍ୱର୍ଗ ଲୋକ-ଗତ,
ନିଶ୍ଚିନ୍ତ, ସୁଖୀ, ଈଶ୍ୱର-ପଦ-ଧ୍ୟାନ-ରତ ।
ସେ ଦୃଢ଼ ନିଶ୍ଚୟ ଫଳେ ଅନୂନ ବିଭବେ,
ଅନଶ୍ୱର ଅଭ୍ୟୁଦୟେ, ବିଶୁଦ୍ଧ ଉତ୍ସବେ
ହୋଇଲା ନିର୍ମଳ-ଶଶୀଧର ପରିଚୟ—
କିନ୍ତୁ ତୃପ୍ତି ନ ଲଭିଲା ନିର୍ମଳା-ହୃଦୟ ।"

ନିଜର ଚଳିବା ବାଟେ କାର ପଦଧ୍ୱନି
ଶୁଣିଲା, କିନ୍ତୁ ସେ ବାର୍ ନ ପାରିଲା ଧନୀ;
ନିଜର କାନେ ବିବିଧ ରହସ୍ୟ ଭାରତୀ
ପ୍ରବେଶିଲା, ତାର ଅର୍ଥ ନ ଜାଣିଲା ସତୀ;
ଏକୁଟିଆ ନ ବାଧାରେ କାତର ସେ ଡରେ,
ରହି ନ ପାରିଲା କେବେ ଏକୁଟିଆ ଘରେ;
ଦୁଆର ଅର୍ଗଳେ ହାତ ଦେଇ କପାଁ ମନେ
ଉଭୟ ପ୍ରବେଶିବାକୁ ନାସ୍ତି ସାଧାରଣେ ।

Digitized by srujanika@gmail.com

ଭୁବନ ଶ୍ରୀଧର ତାର ଗରଭ-ଧାରଣ
ବିନା ଆନ ନୁହେଁ ସେହୁ ସବୁର କାରଣ ।
ଶ୍ରୀସବନ୍ଧ ସତୀ ଏକ ସୁଧର ନନ୍ଦନ,
ମାତୃମୂର୍ତ୍ତି ତେଜ ଯାର ଅଙ୍କାର ଲକ୍ଷଣ:
ନିଧ କୁମାର ଜନମେ ନବ ମାତୃଭାବ
ନିର୍ମଳକ ନବସ୍ପାଟେଣି ଢାଳ ଆବିର୍ଭାବ ।
ଜିତେମ ହୋଇଲ ଆତ୍ମାକ ସର୍ବସ୍ୱ ଶ୍ରୀଧର,
ମୀପୂତମ, ହୃଦ-ସିନ୍ଧୁ-ପୂର୍ଣ୍ଣ ସୁଧାକର;
ଜିତେମ ଜିତେମ ତାର ପୂର୍ବ ସେ ରହସ୍ୟମୟ
ପ୍ରକୃତ ସବୁ ହୃଦରେ ଲଭିଗଲା ଲୟ ।

Digitized by srujanika@gmail.com

ନିର୍ବାସନ

ନୀଳାଭ୍ର-ବକ୍ଷ-ହୁ-ଜାଲଭ୍ର-ଘର୍ଷିଣୀ
　　　　ଜାତ-ଶମ୍ପାଲତା-ଚଞ୍ଚଳ ପ୍ରଭାତେ,
ଛୁ-ନିର୍ଭେଦ୍ୟାନ୍ତରାଳ-ଭେଦନ-ଚପଳ-
　　　　କଠୋର-ଅଦୂରଘାତ-ବ୍ୟାହାରେ,
ସିନ୍ଧୁ-ନଭୋ-ମେଳ-ସମ୍ପାଦ, ବେତଣ୍ଡ-
　　　　ଶୁଣ୍ଡ-କଳ୍ପ, ଘୋର ବରଷା-ଧାରେ,
ଗମ୍ଭୀର ନିନାଦ-ଜୃମ୍ଭମାଣ ଶବ୍ଦ
　　　　ଝଞ୍ଜା ପ୍ରଭଞ୍ଜନ ଦ୍ୱୈର ବିହାରେ, ୮୯୦
ସୂର୍ଯ୍ୟ-ଚନ୍ଦ୍ର-ଗ୍ରହ-ତାରା-ଅଦର୍ଶନ-
　　　　ଦିବା ରାତ-ବ୍ୟାପି-ଗାଢ଼ାନ୍ଧକାରେ,
କଳସାନ୍ଦ୍ର ବେଳ-ପ୍ରଳୟ ଦେବତା-
　　　　ବିପ୍ଳବ-ତାଣ୍ଡବ-କ୍ରୀଡ଼ା-ଅଙ୍କାରେ,
ବହୁଥିଲା ଏକ ଭୀଷଣ ତୋଫାନ
　　　　ପାରାବାର-ଗର୍ଭ-ନୀର-କାନ୍ତାରେ,
ଚହୁଁ କରୁଥିଲା ଯାହା ଏକ ନୌକା
　　　　ବାରମ୍ବାର ଉଲ୍ଲଙ୍ଘି ସଞ୍ଚାରେ ।

Digitized by srujanika@gmail.com

ଦେଖିଲେପରି ଦେଖିଲ ପ୍ରାଚ୍ୟେ ଉଠୁଥିଲା
ଝଞ୍ଜାପୂର୍ଣ୍ଣ-କୃଷ୍ଣ-ଜଳଦ-ଶ୍ରେଣୀ;
ଆଜି, ହସୁଥିଲେ ତାହା ପରଲୋକ–
ଅନ୍ୱେଷଣ ଅର୍ଥେ ଅବା ନିଶ୍ରେଣୀ !

ଅନ୍ତରୀକ୍ଷ ଅର୍ଣ୍ଣ ପାତାଳ ତଳକୁ
ଢ଼ଙ୍ଗି ପଡୁଥାଇ ତୁଙ୍ଗ ତରଙ୍ଗ;
ତାଙ୍କୁର ଜୀବନ ତରଣୀ ଆଶା
ଭାଙ୍ଗୁଥିଲା ଏକାବେଳକେ ଭଙ୍ଗ ।

ଥରଥର ହୋଇ ଝଟକେ ବିଜୁଳି
ଝଟକଇ ଘନ-ସ୍ତର-ଅନ୍ତରେ;
ଆଶା କିରଣର ଆଲୋକର ଲେଶ
ଅଙ୍କୁରଇ ଘନ-ନୈରାଶ୍ୟରେ ।

ବଜ୍ରାଗ୍ନି ଯନ୍ତ୍ରର ଚଣ୍ଡ ପ୍ରଭଞ୍ଜନେ
ଉପୁଜିଲା ଶତକୋଟି-ଗର୍ଜନ;
ଶତକୋଟି ଖଣ୍ଡେ ଫାଟିଯାଏ ଗୁଣ୍ଡେ
ହୋଇ ହୃତପିଣ୍ଡର ଉତ୍ପାଟନ ।
ଯେସନ ଲାଗିଲା ବାହାରେ ତୋଫାନ
ତେସନ ଅନ୍ତରେ ବଢ଼ ତୋଫାନ,
ଯେତେବେଳେ ଯାଉଥାଅନ୍ତି ତାହାକେ
ଜଳନିଧି ଗର୍ଭେ ଯାତ୍ରୀ-ବିତାନ ।
ଉତ୍ତାଳ କଲ୍ଲୋଳେ ଦୋଳି ଦୋଳି ଯାଇ
ଭୀଷଣ ବିପଦ-ସଙ୍କୁଳ ସ୍ଥାନେ,

Digitized by srujanika@gmail.com

ଯହୁଁ ନିରନ୍ତର ଲହରୀ ମାଳିକା
ଖେଳେ ଭଙ୍ଗି ଭଙ୍ଗି ଲୁଟିଣ ସ୍ରୋତେ,
ତହୁଁ ବାଜିଗଲା ଭୁଟେଢ଼ ପିଟି ହୋଇ
ଭାଜିଗଲା ନୌକା ଖଣ୍ଡ ମାତ୍ରକେ
ଭାଜିଲା ଦୁର୍ଦ୍ଦୈବେ ସଭିଙ୍କର ଆଶା
ସମସ୍ତେ ବୁଡ଼ିଲେ ଛିଟିକି ଉଲଟିଲେ ।
ପହଁରି ପହଁରି ସାଧୁ ଦ୍ୱିପ୍ରହର
ଭଗ୍ନ ଦାରୁ ଖଣ୍ଡ ଅବଲମ୍ବନେ
ପହଞ୍ଚିଲେ ତଟେ ଜନଗଣ ମାନ,
ଯାହାଙ୍କ ମଧ୍ୟରୁ ବସନ୍ତ ଜଣେ ।

ସୁନୀଳ-ସୁରୁଚି-ସମ୍ପନ୍ନ ଗଗନ,
ଅଭ୍ରତେ ଅଦୃଶ୍ୟ ଅମ୍ବୁଦମାନ,
ପ୍ରଶାନ୍ତ-ସାଗର, ଉଦୟ ଭାସ୍କର
ନିଜ-ତେଜୋ-ରାଜି ବିସ୍ତାରମାନ ।
ଦେଖି ସିନ୍ଧୁ, ଯହିଁ ତରଣି-ପତନ,
ତରଣି ଉତ୍‌ଥାନ ଦୈବ-ମହିମା,
ଦେଖି ଭୂମି, ଯହିଁ ଅନ୍ନ-ପଦାର୍ପଣ,
ଅନ୍ନ-ରକ୍ଷା ବିଭୁ-କୃପା ଗରିମା,
ଅତୀତ ଜୀବନ ଅନୁଭବ କରି
ଭାବିଲା ବସନ୍ତ ଏହି ପ୍ରକାରେ,
"ଦଇବର ଲୀଳାଖେଳା ଅଗୋଚର
ଅତି ଅଦ୍ଭୁତ ଏହି ସଂସାରର !

Digitized by srujanika@gmail.com

ଛେଡ଼ି ଦାର-ପୁତ୍ର-କନ୍ୟାଙ୍କୁ ସ୍ୱଦେଶେ,
ଯାଇ ଜାହାଜରେ ଦୂର ବିଦେଶେ!
ବ୍ୟବସାୟ କରି ଅର୍ଥରାଶି ଘେନି
ଫେରୁଥିଲି ସିନା ମୁଁ ଅବଶେଷେ;
କି ଘୋର ତୋଫାନ ଉଠାଇଲା ସିନ୍ଧୁ,
ମରିଗଲେ ସର୍ବେ ନଉକା ଭଙ୍ଗେ,
ମୋତେ ମାତ୍ର ଏଣେ ଆଣିଦେଲା ତୀରେ
ଅଠ ଦୁଇଜଣ ସଙ୍ଗାତ ସଙ୍ଗେ ।”

ବିଶାଳ ସାଗର ନୀଳ ଜଳାରଣ୍ୟେ
ସେହି ମହାଖଣ୍ଡ ଗୋଟିଏ ଦ୍ୱୀପ,
କେବେହେଁ ମାନବ ପ୍ରଭାବର ଚିହ୍ନ
ପଡ଼ି ନାହିଁ ଥିଲା ଯାର ସମୀପ
ଯାର ଶୋଭାବନ ଅଟେ ତୁଳନୀୟ
ଅମରେ ସ୍ୱରଗ ବୈଭବ ସଙ୍ଗେ,
ସ୍ୱରଗେ ଅମରୀ ଅମରଙ୍କ ପ୍ରାୟେ
ଯହିଁ ବିହରନ୍ତି ମୃଗୀ-ବିହଙ୍ଗେ ।
ଶିଳାଖଣ୍ଡ ଭେଦି ଝରଝର ସ୍ୱରେ
ଶୈଳ ଉପରୁ ଓହ୍ଲାଇ ଖରେ
କୁଟିଳ ଗମନେ ବହୁ ଝରଟିଏ
ମିଶଇ ଅନନ୍ତ ସିନ୍ଧୁ ସଙ୍ଗରେ ।
ବଢ଼ିଥାନ୍ତି ନାନା ବିଧ ବୃକ୍ଷଲତା
ତାର ଦୁଇ ପାଶେ ଉପତ୍ୟକାରେ;

Digitized by srujanika@gmail.com

କରୁଥାନ୍ତି କ୍ରୀଡ଼ା ନାନାବିଧ ମୃଗ
ବିହଙ୍ଗ ପତଙ୍ଗ ତହିଁ କାନ୍ତାରେ ।
ତିନି ଜଣ ମିଳି ଶୈଳ ଗୁମ୍ଫା ମୁଖେ
ବିରଚିଲେ ଏକ ପର୍ଣ୍ଣ-ଶାଳା,
ଯାର ଦୁଇପାଶେ ଗିରିମାନ, ତଳେ
ସାନ ଝର, ଅଗ୍ରେ ଲହରୀମାଳା;

ସେହି ଏକୁଟିଆ ଦ୍ୱୀପେ ସେହି ଗୁମ୍ଫା—
ବର୍ଷକ ଅଶ୍ରମେ ଲଭି ଅଦୃଷ୍ଟ
ପ୍ରତ୍ୟାବର୍ତ୍ତନର ପ୍ରତୀକ୍ଷା, ପ୍ରତ୍ୟାଶା
ବହି ବଞ୍ଚିଥାନ୍ତି ନାବିକ ତ୍ରୟ ।

ନ ଥିଲା ସେଠାରେ କୌଣସି ଅଭାବ
ମାନବ-ଜୀବନ ରକ୍ଷା ସକାଶେ,
ବୃକ୍ଷଙ୍କର ସ୍ୱାଦୁ ଫଳ ମୂଳ ଆଦି
ମିଳଇ ପ୍ରଚୁରେ ବିନା ପ୍ରୟାସେ ।
ପୁଣି ଜନ୍ତୁମାନ ସହଜେ ମିଳନ୍ତି,
ଯଦି ନୋହେ ପ୍ରୀତି କାରୁଣ୍ୟବଶ;

ଅଥବା ନ ଜାଣନ୍ତି ମନୁଷ୍ୟ ପ୍ରଭାବ,
ଅଯତ୍ନେ ଅକ୍ଳେଶେ ପଡ଼ନ୍ତି ଧରା ।
ଜାହାଜ ଭାଙ୍ଗିଲା ଶୀତ ବତାସର
ଆକ୍ରମଣେ ପାଇ ବଡ଼ ଅଘାତ,
ଜୀବନ୍ତ ମୃତ୍ୟୁର ନିଷ୍ଠୁର ଯନ୍ତ୍ରଣା
ସହି କେତେ ବର୍ଷ ଛିଣେ ସଙ୍ଘାତ

Digitized by srujanika@gmail.com

ଟେକିଲେ ଚରଣ; ତାପରେ ଅନେକ
ସଙ୍ଘାତ ବିଷମ ଜ୍ୱର ତାପନ୍ତର
ଭଜିଲେ ସେ ଗତ; ଦୁହିଁଙ୍କ ବିୟୋଗେ
କାନ୍ଦିଲେ ବସନ୍ତ ପରିତାପଭରେ;
ଦୁହିଙ୍କ ମରଣେ ଏକାକୀ ଅଭାଗୀ
ପଡ଼ିଲା, 'ଅପେକ୍ଷା କର' ଏ ଗିର
ପ୍ରଭୁ ଆଜ୍ଞାକୁ ଚେତାଇଲା ପର,
ସାବଧାନ ହୋଇ ଯାପିଲା ଚିର ।

ଅପାଦ ମସ୍ତକ ବନମୟ ଶୈଳ,
ବିଶାଳ ଶ୍ୟାମଳ ତୃଣ ପ୍ରାନ୍ତର;
ସ୍ୱରଗ ଦୁଆରେ ପହଞ୍ଚିଲା ପରି
ତୁଙ୍ଗ ବନ୍ଧ ପାଣି ପଥ ନିଝର;
ପୁରୁଷ-ସଂଯୋଗେ ବନିତା ପରାଏ
ସ୍ୱଜନ-ଅଶ୍ରୟେ କଳିତା ଭଳି
ବିହାୟସ-ଚୁମ୍ବି-ମହା ମହୀରୁହ-
ସହକାରେ ସାନ୍ଦ୍ର ଲତା-ଅବଳୀ;
ନାନାବର୍ଣ୍ଣମୟ ପ୍ରଭାରେ ଭାସ୍ୱର
ବିଚିତ୍ର ବିହଙ୍ଗ-ପତଙ୍ଗ ଗଣ;
ଚୌଦିଗେ ଚହଟ ମହକାଇ ଫୁଟି
ଶୋହିବା ସୁବର୍ଣ୍ଣମୟ ସୁମନ;
ତ୍ରିବିଷ୍ଟପ-ଅନୁରୂପ ଦ୍ୱୀପଟିର
ଏହି ସବୁ ଶୋଭା କରେ ଦର୍ଶନ,

Digitized by srujanika@gmail.com

କିନ୍ତୁ ନ ଦେଖଇ ସେଥୁ ମଧୁମୟ
ମନୋ ମୁଗ୍ଧକର ନର ଆନନ ।

ଅବା ଶୁଣେ ନାହିଁ ମାନବ କଣ୍ଠର
ଅମୃତନିଷ୍ୟନ୍ଦୀ ମଧୁରାଳାପ,
ମାତ୍ର ଶୁଣେ ସଦା ଜଳଧି-ବକ୍ଷରୁ
ସମୁଦ୍ର ତରଙ୍ଗ ରବ କଳାପ,
ବେଳା-ସ୍ଥିତ-ଶୈଳ-ଖଣ୍ଡ ଦେହେ ବାଜି
ଭଙ୍ଗିବା ସୁଦୀର୍ଘ ବୀଚି-ଗର୍ଜ୍ଜନ,
ଅଥବା କୋରକ-ତାରକିତ ତରୁ-
ଶାଖା ଖସଖସ ମନ୍ଦ ନିସ୍ୱନ;

ଅବା ସିନ୍ଧୁଗାମୀ ଗିରି ନିର୍ଝରର
ପ୍ରଖର ସ୍ରୋତର ମନ୍ଦ୍ର ନିନାଦ,
ଶୁଣିପାରେ ମାତ୍ର, ଯେବେ ତୀର ଭୂମି-
ଭ୍ରମଣ ମାନସେ ସେ ଦିଏ ପାଦ,
ଯେବେ ବା ସାଗର-ଅଭିମୁଖ ହୋଇ
ବସଇ ପର୍ଣ୍ଣ-କୁଟୀ-ପ୍ରାଙ୍ଗଣେ,
ତରୀଭଙ୍ଗ-ଭ୍ରଷ୍ଟ ଏକାକୀ ନାବିକ
ଚିନ୍ତି ଦୁରନ୍ତ-ଅଙ୍ଗାର ମନେ ।

ତରଣୀର ଶବ୍ଦ ନାହିଁ ଦିନ ଦିନ,
ଅଛି ସିନା ପ୍ରତି ନିଶାର ଶେଷେ
ତରଣି ଉଦୟ ଗୁରୁ ଶିର ଛବି
ନାରିକେଳ ତାଳ ନିକୁଞ୍ଜ ଦେଶେ;

Digitized by srujanika@gmail.com

ପରଚୀ ସକଳ-ରଶ୍ମି-ଭସ୍ମମାନ
ଦ୍ୟୁମଣି କିଶୋର ମୟୂଖମାଳା,
ନଭୋମଧ୍ୟ-ବର୍ତ୍ତି-ମାର୍ତ୍ତଣ୍ଡ ମଣ୍ଡଳ
ପ୍ରଚଣ୍ଡ ଅଖଣ୍ଡ ଅନଳ ଜ୍ୱାଳ,
ପ୍ରାଚେତସ-ଜଳରାଶି-ମଜ୍ଜମାନ
ବିକର୍ତ୍ତନ ଶାନ୍ତ ସ୍ୱଗ ପ୍ରକାଶ,
ଅନନ୍ତ-ମଣ୍ଡିତ ଅନନ୍ତ ତାରକା
ମଣ୍ଡଳୀ ଉଜ୍ଜ୍ୱଳ ହାସ ବିକାଶ,
ସାଗର ଗମ୍ଭୀର ଘୋଷ, ପୁନର୍ବାର
ସୂର୍ଯ୍ୟୋଦୟ ଶୁଭ୍ର ଛବି ବୈଭବ;
ମାତ୍ର ଅପେକ୍ଷିତ ଜାହାଜର ପାଲ
କଲ ନାହିଁ ତା'ର ନେତ୍ର-ଉତ୍ସବ ।

ଲୁଣ୍ଠଦେଇ ଘରେ ଅଜ୍ଞାନ ଶୈଶବ-
ବେଳେ ଆପଣାର ପ୍ରିୟ ସନ୍ତାନ,
ଯାହାଙ୍କ ସୋହାଗ-ଗଣ୍ଠି ର ବନ୍ଧନେ
ଘଷି ହୋଇ ବଢ଼ ଯାଇଲ ପ୍ରାଣ;
ଜେଜ୍ଜା ପ୍ରେୟସୀକି, ଯାର ହୃଦ କିଣା
ପିଲା ଦିନୁଁ ନିଜ ପ୍ରେମ ମୂଲ୍ୟରେ;
ବର୍ଜି ଜନ୍ମଭୂମି, ହଜାଇ ଶେଷକୁ
ସ୍ୱଜାତିକି ବଧି ପ୍ରାତିକୂଲ୍ୟରେ;
ସଦା ଦୁଃଖୀ ହୋଇ ଦୀର୍ଘ ବିୟୋଗରେ
ସେହି ଜନହୀନ ଦ୍ୱୀପ ଅନ୍ତରେ,

Digitized by srujanika@gmail.com

ଯେବେ ବସିଥାଏ ଶିଳ୍ପ ପୁତ୍ତଳିକା
ପ୍ରାଚ୍ୟ ଚିର ଧ୍ୟାନ ଲୀନ ଅନ୍ତରେ,
ନାଚଇ ତାହାର ଲୋଚନର ଆଗେ
ପରିଚିତ ବହୁ ଦୃଶ୍ୟର ମାୟା,
ସିନେମା ପରଦା ଉପରେ ଯେପରି
ଦେଖାଦେଇଥାଏ ବିବିଧ ଛାୟା;
ଅବା ସେହୁ ନିଜେ ଯେପରି ଭରଇ
ସୁଦୂର ସ୍ୱଦେଶେ ପରିଭ୍ରମଣି,
ସମ୍ଭାଦ ପୂର୍ବ-ପରିଚିତ ସ୍ଥାନ
ବ୍ୟକ୍ତି ବସ୍ତୁଗଣ ପରିଦର୍ଶନି ।

ପିଲାଙ୍କ କ୍ରୀଡାର ବିନୋଦ ଅମୋଦ
ମଧୁର ଦରେଶ୍ଟି ମଞ୍ଜୁ ଭାଷଣ,
ଅନୁରାଗମୟୀ ନିର୍ମଳ ସଖୀର
ଦରହାସଯୁକ୍ତ ଶୁଭ୍ର ଆନନ,

ସିନ୍ଧୁ ଅଭିମୁଖ ସୁନ୍ଦର କୁଟୀର,
ଗଡାଣିଆ ସାହି, ଗ୍ରାମର ଦାଣ୍ଡ,
ନାନା ତରୁଲତା—ମଞ୍ଜୁଳ କାନନ,
ରମ୍ୟ ଉପତ୍ୟକା, ବାଲି ପାହାଡ଼,

ପୋତାଶ୍ରୟ, ତାର ବିକ୍ରୀତ ପୋତଟି,
କେଉଟମାନଙ୍କ ମଧୁର ଗୀତ,
ଛାଗ ମେଷ ପଲ ଗଳଘଣ୍ଟି ନାଦ,
ଏଣ୍ଡିକୁଲ କଳକଳ କୂଜିତ,

Digitized by srujanika@gmail.com

ସମୀର ଲହରୀ ରମ୍ୟ'ଶସ୍ୟ ଶୀର୍ଷ,
ବସନ୍ତର ଲଘୁ ଅସର୍ କଣା,
ବରଷାଜନିତ ମାଟି ପରିମଳ—
ଏହି ସବୁ ଦେଖି ସେ ବାଟବଣା
ଚମକି ହଠାତ ଜାଗ୍ରତ ସ୍ୱପନୁଁ
ଉଠି ବିଲୋକିଲ ଅଖି ମେଲାଇ,
ମାତ୍ର ସେହି ହେମ୍ୟ ସୁନ୍ଦର ଦ୍ୱୀପଟି
ବିନା ଆଉ କିଛୁ ଦର୍ଶିଲ ନାହିଁ ।
ସେହି ନିର୍ବାସିତ ବିଜନତା ଯୋଗୁଁ
ଏଥିପୂର୍ବେ ନିଶ୍ଚେ ମର ତ ଯାନ୍ତା,
ତାହାର ନୀରବ ଦୁଃଖ-ଭରା ହୃଦ
ଯଦି ତାଙ୍କ ସଙ୍ଗେ ଭାଷୁ ନଥାନ୍ତା,
ଯେ ଜଗଦୀଶ୍ୱର ସର୍ବ-ଅନ୍ତର୍ଯାମୀ,
ଯାହାଙ୍କୁ ଦେଖଇ ଭକ୍ତର ଅଖି,
ସ୍ୱସଙ୍ଗତେ କଥା ହୋଇବା କାହାକୁ
ଯେହୁ ନ ଦଅନ୍ତି ଛାଡ଼ି ଏକାକୀ ।

ଏହିପରି କାଳଚକ୍ରର ଘୂର୍ଣ୍ଣନେ
ବର୍ତ୍ତମାନ ଗଲା ବରଷା ଅଧ
ବରଷେ ବରଷେ ଗୋଟି ଗୋଟି କରି
ଯାଏ ପୁଣି ଆସେ, କର୍ତ୍ତବ୍ୟ ସାଧି ।
ବସନ୍ତର ଶିରେ ଅନନେ ଅଚିରେ
ଅକାଳ ବାର୍ଦ୍ଧକ୍ୟ କଲା ଚତାଉ,

Digitized by srujanika@gmail.com

ମାଝି ତାର ଘର ଫେରିବାର ଆଶା—
ଅଟେଲିଙ୍କ ଅନ୍ତର ନୋହିଲ ଊଣେ ।

ଧନେ ଅବସ୍ଥାରେ ଶେଷ ହେଲା ତାର
ଚିର ଅନୁଭୂତ ସେ ନିର୍ବାସନ;
ଡିଙ୍ଗିଲ ତରଣି ପାରାବାର ଗର୍ଭ,
କାରୁ ମୁକ୍ତ ବନ୍ଦୀ ଯେସନ !
ବୋଇତ ଗୋଟିଏ ପ୍ରବଳ ବତାସ-
ବିକ୍ଷିପ୍ତ, ଭଗ୍ନ ବାରିଧି ନୀରେ
ବାଟବଣା ହୋଇ ଯାଇ ପହଞ୍ଚିଲା
ବସନ୍ତର ସେହି ଦ୍ୱୀପର ତୀରେ ।
ଯାତ୍ରୀଙ୍କ ନିମିତ୍ତ ଜଳ-ଅନ୍ୱେଷଣେ
ଜାହାଜୁଁ ଓହ୍ଲାଇ ଅବନୀ ଛୁଇଲେ
ଜଲେ ପଦାର୍ପଣି କେତେକ ନାବିକ
ବହୁ କୋଳାହଳମୟ ଚହଟେଲା ।
ଏହୁ କୋଳାହଳେ ସସମ୍ଭ୍ରମପଦେ
ପର୍ବତ ଉପରୁ ତଳେ ଓହ୍ଲାଇ
ଅସିଲା ବସନ୍ତ ନିତାନ୍ତ ବିସ୍ମୟ
ଲଭନ୍ତି ନାବିକେ ତାକୁ ଅନାଇ ।
ଭ୍ରୂକୁ ଘୋଡାଇ ଲମ୍ବି ଅଛି ହାତେ
ନିଶ ସହ ବଢି ବହଳ ଦାଢି,
ବାନ୍ଧିଛି ପାଚିଲ ବାଳ ଘନ-ଜଟା
ସଂସ୍କାର ବନ୍ଧନେ ସୌଷ୍ଠବ ଛାଡ଼ି ।

Digitized by srujanika@gmail.com

ଶ୍ରେଣି ଏଠି ଘନ ଛବି ଆଚ୍ଛାଦନ
ଲଗିଅଛି ଜଗ ଜର୍ଜର କାୟେ,
ଅପୁଜାଏ ଭ୍ରମ ଉପହାସ୍ୟ ରୂପ,
କି ଗାଢ଼ ଜଙ୍ଗଲ ଉଙ୍ଗମଠାଏ !

ଶୁଣାଗଲା ସେଠୁ ଅନେକ ଅସ୍ପଷ୍ଟ
ଅବୁଝା ଭାଷଣ ବର୍ବର ପ୍ରାୟେ,
କିନ୍ତୁ ସେ ସଙ୍କେତ, ଯାର ଅର୍ଥ କିଛି
ନାବିକମାନଙ୍କୁ ବୁଝା ନ ଯାଏ ।

ଅଗ୍ରସର ହୋଇ ଚାଲିଲ ବସନ୍ତ
ନାବିକଙ୍କୁ ଘେନି କେତେକ ଦୂରେ,
ପହଞ୍ଚିଲ ଯହିଁ ବହଇ ଝରଣା
ମଧୁର ନିର୍ମଳ ସଲିଳ-ପୂରେ ।

ପୂରାଇଲେ ଜଳ-ଚୋଷଙ୍କୁ ସକଳେ
ଅନୂନ ଅନନ୍ଦେ ନାବିକମାନ,
ତାହାଙ୍କ ସଙ୍ଗତେ ମିଳାମିଶା ହୋଇ
ଲଭିଲା ବସନ୍ତ ବିସ୍ମୃତ ଜ୍ଞାନ ।

ନର ସହବାସ ବନ୍ଧନେ ଅବାକ
ଯେଉଁ ଚିର ବନ୍ଧ ଜିଭ ତାହାର
ନର ଆଭାଷଣ ଶ୍ରବଣେ ପାଇଲା
ଭାଷଣ ଶକ୍ତିର ପୁନରୁଦ୍ଧାର ।
ତାହାର କଥାକୁ ସମଝି ନାବିକେ
ବୋଇତେ ବସାଇ ନେଲେ ସଙ୍ଗତେ,

Digitized by srujanika@gmail.com

କହିଲ ବସନ୍ତ ନିଜ ଇତିହାସ
ତା ଶୁଣି ବିସ୍ମିତ ହେଲେ ସମସ୍ତେ ।
ବିସ୍ମୟେ ଜମିକ ବିଶ୍ୱାସ ଉପୁଜି
ପରାଣେ କରୁଣେ ଗଲେ ତରଳି,
ଦୂର କଲେ ତାର ବିକୃତ ଅକୃତ,
ଉଚିତ ପୋଷାକ ପ୍ରଦାନ କରି ।

ଦେଲେ ଅଶ୍ୱାସନା ଯାନ ଭଡ଼ା ବିନା
ଉତ୍ତରାଇ ଦେବେ ତାହାକୁ ଘରେ;
ଭାବି ଭାବି ଦୈବ-ଘଟଣା-ବୈଚିତ୍ରୀ,
ସେ ପ୍ରଭୁ ମହିମା ପ୍ରଶଂସା କଲେ ।୧୦୨୦

ନିଜ ଭୁକ୍ତ ଦୀର୍ଘ ଏକୁଟିଆପଣ
ନିଜରୁ ନିର୍ମୁକ୍ତ କରିବା ପାଇଁ
ମିଳି ଅନ ଲୋକ ସଙ୍ଗତେ ବସନ୍ତ
କାମ କରେ ସଦା ଖରଧା ପାଇଁ ।

ବାତ ସ୍ରୋତ ବନ୍ଧୁ ପୋତଟିକୁ ବାହି
ନେଲ ପାରାବାର ଉପର ଭାଗେ,
ବସନ୍ତର ଆଶା-ମଧୁର କଳ୍ପନା
ଉଡ଼ିଲ ଅଳସ ବାଦର ଆଗେ ।

ବାଧା ଅତିକମି ନାବଟି ସ୍ୱଦେଶେ
ପହଞ୍ଚିଲ କେତେ ଦିବସ ପରେ,
ଭାସିଲ ସ୍ୱଦେଶ ନୀଳ ନଭ ତଳେ,
ସ୍ୱଦେଶର ନୀଳ ସିନ୍ଧୁ ଉପରେ ।

Digitized by srujanika@gmail.com

ଦେଖିଲୁ ସମୀର କିଶୋର ପରଶେ,
ଦେଖିଲୁ ଜୋଛନା ଅପାର ସ୍ନାନେ,
ଅଖିଳ ବସନ୍ତ ଉତ୍କଣ୍ଠିତ ହୋଇ
ପ୍ରଚୁର ପୁଲକ ଭରି ପରାଣେ ।

ଯେଉଁ ଯୋଦ୍ଧାଶ୍ରେଷ୍ଠ ସେହୁ ଘର ଛାଡ଼ି
ତାହାଙ୍କେ ଅନ୍ୱେଷି ଥିଲା ପଛିଲେ,
ସେହି ଯୋଦ୍ଧାଶ୍ରେଷ୍ଠ ତାହାଙ୍କୁ ସୋହାଗେ
ତାହାଙ୍କୁ ସେମାନେ ଉତ୍ତରାଇଲେ । ୧୦୩୦

Digitized by srujanika@gmail.com

ପ୍ରତୀକ୍ଷା

ବନ୍ଧରେ ଏକେଲେଁ ନିରଦ୍ଧ କା ସଙ୍ଗେ ନ କରି କଥା,
କାହାର ମୁହଁକୁ ନ ଚାହିଁ ଭୂତଳେ ନୁଆଁଇ ମଥା,
ଘର ଅଛି ସିଧା ବାଟ ଧରି ଖରେ ସେ ଚାଲୁଥାଇ,
ବିପୁଳ ଜଗତେ ଅହା ! କିଏ ଅଛି ତାହାର କାହିଁ ?
ହେମନ୍ତ କାଳର ଦିବସ, ପ୍ରାୟତ ଉପର ବେଳ,
ପ୍ରଶାନ୍ତ ଅରୁଣ-ମଣ୍ଡଳ କିରଣମାନଙ୍କ ଖେଳ
ଥରେ ଦେଖା ଦେଇ ଥରେ ଖରେ ଯାଉଥିଲା ଉଭେଇ,
ପତ୍ରଶୂନ୍ୟ ନଗ୍ନ ବିଟପୀର ଶାଖା ଅନ୍ତର ଦେଇ ।
ହରାଇ ସୁନ୍ଦର ପତ୍ର-ପୁଷ୍ପ-ଫଳ ସମ୍ପଦମାନ
ନିସ୍ତେଜ ପରିଣେ ଥିଲେ ମହୀରୁହ ଦଣ୍ଡାୟମାନ ।
ଗମ୍ଭୀର ଅନ୍ତରେ ତାର ଯେଉଁ ଗାଢ଼ ନୀରବ ଗ୍ଲାନି
ଭରଇ ଗୁପତେ, ତାହା କେହ୍ନ ଅବା ପାରିବ ଜାଣି ?
କମ୍ପାଇ ଶରୀର ଗଛର ଉଜାଣି ବହିଲା ବାତ,
ବହଳ ତୁଷାର ଘୋଟିଗଲା ବୃକ୍ଷଦଳେ ହଠାତ ।
ଶୁଖିଲା ପାଚିଲା ଜଡ ପତ୍ରମାନ ସେହି ତୁଷାରେ
ବିଟପୀରୁ ଝଡ଼ି ପଡ଼ିଲା ନିଜର ନିର୍ଜୀବ ଭରେ ।

Digitized by srujanika@gmail.com

ସରସୀର ତଟେ ନିକଟେ ଏକାକୀ ଚକ୍ରବାକ
ଶୁଭୁଥିଲା ପ୍ରାଣସଖୀର ବିଚ୍ଛେଦ ଖେଦର ଡାକ ।
ଚଉପାଖେ କ୍ରମେ କ୍ରମେ ଅବିରଳ ବଢି ଅନ୍ଧାର,
ଚପଳ ଅଶଙ୍କା କାହିଁ ସଞ୍ଚରିଲା ହୃଦୟେ ତାର ।
ଯାଇ ଅବଶେଷେ ସେହି ଶ୍ରାବଣୀ-ମୁଖ ଅନ୍ଧାରେ
ଉପସ୍ଥିତ ହେଲା ବସନ୍ତ ନିଜର କୁଟୀର ଦ୍ୱାରେ,
ଦୂରୁ ଅଗୋଚରେ ସୁଦୂରେ ପ୍ରାଣ-ସଖୀ ସେନେହମୟୀ,
ରୋଷ କରୁଥିଲା ନିର୍ମଳା ପିଲାଙ୍କ ସଙ୍ଗତେ ଯହିଁ ।
ଘରର ଅଲୁଅ କାହିଁ, ଅବା ଲୋକେ ଚହଲ କାହିଁ
ସେହି ଘରର ଅକା, ଗୃହିଣୀ ଗଲା ତାର ନିର୍ମଳା କାହିଁ ?
ପରିବାରଙ୍କ ପୁଣି ଶିଥିଳ ସେ ଘର ରଜନୀ ହୃଦୟେ
ଦିଶୁଥିଲା ଭୀମ ଶ୍ମଶାନେ ବିକଟ ପ୍ରେତ ପରାଏ ।
ଆଶା ଭାଙ୍ଗିଗଲା, ଭାବିଲା ବସନ୍ତ, "ହୁଏତ ମଲା,
ନାହିଁ ପର ଅତ, କିବା ମୋର ଏକା ନାହିଁ, ନିର୍ମଳା ।"

ରହି ନ ପାରିଲା ସେଠାରେ, ଚଳିଲା ଗ୍ରାମ୍ୟଗଳି ସେ
ଅନ୍ୟ କେଉଁଠି ଥାଇ ପଥୁଁ ଆଶ୍ରୟ ନେବା ସକାଶେ ।
ମନେ ପଡ଼ିଗଲା-ପୂର୍ବ ସାହୁକାର ସେହି ଗ୍ରାମର
ଉଡ଼ା ଦେଇଥିଲା ଆଗତ ପଥିକେ ନିଜର ଘର ।
ସନ୍ଦେହ ଲାଗିଲା ସେହି ଘର ଏବେ ଅଛି କି ନାହିଁ,
ବାଟ ଖୋଜିଗଲା ବସନ୍ତ ସେ କଥା ମନେ ପକାଇ ।
ଘରଟିତ ଥିଲା, ପୁରାତନ, ଭଗ୍ନ, ଗତ ତା' ପ୍ରଭା,
ମୃତ ତା ମାଲିକ, ମାତ୍ର ଥିଲା ତହିଁ ବୁଢ଼ୀ, ବିଧବା;

Digitized by srujanika@gmail.com

ନାମେ ଗୋପୀ, ସେହୁ ସପ୍ତଦଶବର୍ଷୀ, ତାର ଅଧରେ
ବସନ୍ତ ଅଶ୍ରୟ ଲଭି କେତେଦିନ ଥିଲା ସେ ଘରେ ।

ନ କହି କାହାକୁ ନିଜ କଥା, ସେହୁ ମଉନେ ରହେ,
ନିଜ ଦୁଃଖ ସବୁ ଲୁକ୍କାୟିତ କରି ଅନ୍ତରେ ବହେ ।

ଶୁଣିବାକୁ ଲୋକ ପାଖେ ଆଉଁ ବୁଢ଼ୀ କରଯେ ଯତ୍ନ,
ବୁଝାଏ ବସନ୍ତ କାନେ ନିରନ୍ତରେ ଶପଥ ଧୁନା ।

ପୁରୁଣାକାଳର ଗାଁର ସବୁ କଥା କହଇ ଗୋପୀ,
ଶୁଣଇ ବସନ୍ତ ଆନ୍ତରିକ ଦୁଃଖ କେତେ ପାସୋରି ।
ଧନେ ନିର୍ମଳାର ଇତିବୃତ୍ତ ଯାକ ଗଲା ବଖାଣି,
ଶୁଣୁଛି ତାହାର ପୂର୍ବଭକ୍ତି, ଏହି କଥା ନ ଜାଣି ।
ବଦଳି ଯାଇଛି [illegible] ବାର୍ଦ୍ଧକ୍ୟ-ଜର୍ଜର ଅଙ୍ଗେ,
ବସନ୍ତ ପଳିତ କେଶେ, କାନ୍ତିରେ, ଯୌବନ ଭଙ୍ଗେ,

ତାର କିବା ନୂଆ ରୂପ ଏବେ ଦୀର୍ଘ ନିରବାସନେ,
ତାହାକୁ କହିବା ଶକ୍ତି ନାହିଁ, ଗୋପୀ ଚିହ୍ନେ କେସନେ ?
ଘଟିଲା କେସନେ ତାହାର ଅପୁଷ୍ଟ ଶିଶୁ ମରଣ,
କଟିଲା କେସନେ କମେ ନିର୍ମଳାର ଗରବପଣ୍ଡା,
ସହଯୋଗ କଲା କିପର ଶ୍ରୀଧର ତାର ସନ୍ତାପେ
ପେଷିଲା କେସନେ ଗୃହାଳୀକି ବେନ ପିଲାଙ୍କୁ ଆପେ,
ଚିରନ୍ତନ ଅନୁରାଗ ହୃଦେ ବାହି ସଖୀ ସକାଶେ
ଯାପି ଦୀର୍ଘକାଳ ସେହୁ ତାକୁ ବିଭା ହୋଇବା ଆଶେ,
ହୋଇଲା କେସନେ ଅବଶେଷେ ତାର ଦ୍ୱିତୀୟ ବର,
କାନ୍ଦିଲା କେସନେ ତହୁଁ ନିର୍ମଳାର ଏକ କୁମର—

Digitized by srujanika@gmail.com

ସବୁ କଥା ଗୋଟି ଗୋଟି କରି ଯୋଗୀ କହେ ଏମନ୍ତ,
ନିସ୍ତଳେ ନୀରବେ ନିର୍ବିକାରେ ଶୁଣୁଥାଏ ବସନ୍ତ:
ତା ବଦନେ ନାହିଁ ବିଷାଦର ଛାୟା, ନାହିଁ ଚଳନ,
ନାହିଁ ବିବର୍ଣ୍ଣତା—ନାହିଁ ଅଶ୍ରୁ ! କିଛି ପରିବର୍ତ୍ତନ ।
ଅବଶେଷେ ଭୟରେ ବୃଦ୍ଧ ଟି କହିଲା ତାକୁ ଅନାଇ,
"ଅଭାଗା ବସନ୍ତ ଚଳ; ତାର ଆଉ ଖବର ନାହିଁ."
ଶୁଣିଲା ବସନ୍ତ କ୍ଷଣେ ଛିଟିକି ହଲଇ ଶିର,
"ଦୂରେ ଗଲା କାହିଁ, ଆଉ ନାହିଁ," ବୋଲି ଭାଷିଲା ଧୀର ।
"ଆଉ ନାହିଁ" ଏହି ବଚନଟି ପୁଣି ନିର୍ଜନ ସ୍ୱରେ
ତା ଗଳେ ଉପୁଜି ଧୀରେ ଲୁଚି ରହି ଗଲା ଅନ୍ତରେ ।

ନିର୍ମଳ ବଦନ ନିମେଷକେ ଜାଗି ଗଲା ଉତ୍କଣ୍ଠା
ବସନ୍ତକୁ ଗାଢ଼େ ବଥାଇଲା ଧୋଇ ହୃଦର କଣ୍ଟା,
ବିଗୁଡ଼ିଲା ସେହି ବିଗୁଡ଼ି, "ତାହାର ସୁନ୍ଦର ମୁଖେ
ଥରେ ନିରେଖନ୍ତି, ପୁଣି ମୁଁ ଜାଣନ୍ତି ଅଛି ସେ ସୁଖେ ।"
ଏହି ଚିନ୍ତା ଏକା ତାହାର ମାନସ ଯାକ ଅବରି
ଘୋର ଅଶାନ୍ତିର ଛାଇ ସମ୍ପାଦିଲା ଦବା-ଶର୍ବରୀ ।
ଦିନେ ସନ୍ଧ୍ୟାବେଳେ ଏହି ଆକାଂକ୍ଷାର ପ୍ରରୋଚନାରେ
ପହଞ୍ଚିଲା ସେହୁ ଶିଶୀଧର ଘର ପଛ ଦୁଆରେ ।
ଅଭିନବ ସେହି ନିଳୟ, ନିର୍ମିତ ସାନ ପାହାଡ଼େ,
ଅଗ୍ରଭାଗ ଭୂମିଅଡ଼େ, ପଶ୍ଚାତ ଭାଗ ସମୁଦ୍ର ଅଡ଼େ ।
ଅତି ରମଣୀୟ, ନଥିଲା ସେ ତ୍ରାଟିମ ତାପର ଧାମ,
ଯାର ପଶ୍ଚାଦ୍‌ଭାଗେ ଶୋଭୁଛି ଅପୂର୍ବ ଦୃଶ୍ୟ ଅଗମ ।

Digitized by srujanika@gmail.com

ଚଉପାଶେ ଭିତ୍ତି ଆବରଣ, ଯହିଁ ଦ୍ୱାର କବାଟେ,
ତାହାରେ ବସିଛନ୍ତି ବସନ୍ତ ଅନାଇ ଲହଡ଼ା ନାଟେ ।

ଗିରିବନ ଦେଶେ ପଡ଼ିଲଣି ସନ୍ଧ୍ୟାରାଗର ରୁଚି,
ବିଷାଦର ଜ୍ୱାଳ ଜଳିଲଣି ତାର ଅନ୍ତରେ ମଚି !
ଅତୀତର ଶତଶତ ଅନୁଭୂତ ସ୍ମୃତିରେ ଆସି
ପୂରି ଉଚ୍ଛୁଳିଲା ଯେପରି ସମୁଦ୍ରେ ତରଙ୍ଗରାଶି ।
ମୋହନ ମାନବ କଣ୍ଠ କୋଳାହଳ କରି ଉଦ୍ୟାନେ
ବାୟୁ ପଥେ ଆସି ବର୍ଷିଲା ଅମୃତ ବସନ୍ତ କାନେ;

ଚମକି ହଠାତେ ହେଲା ସେ ଆକୃଷ୍ଟ ସେ କୋଳାହଳେ
ବେଗେ ଉଠି ପଡ଼ି ଚାଲିଲା ସେ ଦିଗେ କଉତୂହଳେ,
ଦୂର ଦୀପଗୃହ ଆକର୍ଷଣେ ଉଡ଼ି ପକ୍ଷୀ ଯେସନ
ତା ଉପରେ ବାଜି ହରାଏ ନିଜର ସ୍ଥିର ଜୀବନ ।
ଉଲ୍ଲଣ୍ଠି ଅତିବେଗେ ଭିତରେ ପ୍ରବେଶ ଦୁଆର ଦେଇ,
ଉଦ୍ୟାନ ମଧ୍ୟରୁ ପ୍ରଧାନ ମାର୍ଗରେ ପାଦ ନ ଦେଇ,
ଆଢ଼ୁଆଳେ ଗଛର ଘନ କାନ୍ଥ ଧରି ଶବ୍ଦ ନ କରି,
ଚାଲିଲା ବସନ୍ତ କେତେ କଥା ମନେ ମନେ ସୁମରି ।
ଯାଇ ଏକ ଆମ୍ବଗଛର ଓଢ଼ାଳୁଁ କେତେକ ଦୂରେ
ବିଲୋକିଲା ଏକ ଅପୂରବ ଦୃଶ୍ୟ ନିଜ ଚକ୍ଷୁରେ;

ସେହି ଦୃଶ୍ୟର ଦର୍ଶନେ ଅଭାଗାର ହେବ କି ସୁଖ,
ଆହୁରି ଅଧିକ ବଢ଼ିଯିବ ସିନା ତାହାର ଦୁଃଖ !
ଦେଖିଲା—ଶ୍ରୀଧର ସହଚର ତାର ବାଲ୍ୟ ବେଳେ,
ସହଭାଗୀ ପୁଣି ନିତ୍ୟ ସଙ୍ଗେ ଘର କରିବା ଖେଳେ,

Digitized by srujanika@gmail.com

ବସି ଅଛନ୍ତି ଗେଲ୍ କରି ଶିଶୁଟିକି ଧରି ଉତ୍ସଙ୍ଗେ,
ଅପୂର୍ବ ସୌନ୍ଦର୍ଯ୍ୟ ସମ୍ପଦ ଶୋଭଇ ତାହାର ଅଙ୍ଗେ ।
ଦ୍ୱିତୀୟ ପିତାର କାନ୍ଧେ ହାତ ରଖି ପଛରୁ ନଇଁ
ଦେଉଛି ଦର୍ଶନ ସୁଗୁଚ୍ଛକୁନ୍ତଳା, ସୌଭାଗ୍ୟମୟୀ,

କୁମାରୀ; ତାହାର ନବ-ଯଉବନ-ଲାବଣ୍ୟ-ଠାଣି
ସେକାଳ-ନିର୍ମଳ-ରୂପ-ଶୋଭା ଦିଏ ମାନସେ ଆଣି;

ଶିଶୁଟିର ଆଗେ ଖେଳଣାଟି ଧରି ଦେଖାଇ ପାଣି
ଅବଲମ୍ବେ ହାତ ନେଉଥିଲା କନ୍ୟା ପଛକୁ ଟାଣି;
ପାଇବା ଆଶାରେ ପିଲାଟି ବଢାଇ ହାତ ଆମୋଦେ
ବ୍ୟର୍ଥ ହେବା ଦେଖି, ସରବେ ହସନ୍ତି ଅତି ବିନୋଦେ ।
ଦେଖିଲା—ଜନନୀ ବସିଛି ବାପାର ବାମ ପାର୍ଶ୍ୱରେ,
ଅନାଉଛି ବାରମ୍ବାର ତାରି ଶିଶୁମୁଖ ହରଷେ ।
ସ୍ମିତ ମୁଖେ ପାଖେ ଠିଆ ହୋଇ ଅଛି ତା ବଡ ପୁଅ,
ତା ସଙ୍ଗେ ଭଷଇ ମଧ୍ୟେ ମଧ୍ୟେ ମାଆଁ ବୁଲାଇ ମୁହଁ ।
ଧନେ ନିଜ ଭାର୍ଯ୍ୟା ନିରୁ, ନିଜ ଭାର୍ଯ୍ୟା ଆଉ ସେ କାହିଁ,
ଘର କରୁଅଛି ଅଜ ପତିରୂପେ ଅନକୁ ପାଇ ?

ସେ ନନ୍ଦନ ତାର, ଅଜି ସେ ନିଜର ନନ୍ଦନ ନୁହେଁ
ଜନକ ଉତ୍ସଙ୍ଗେ ବସି ଯେ ଖେଳଇ ସହାସ୍ୟ ମୁହେଁ,

ସ୍ୱସନ୍ତାନ କିନ୍ତୁ ଲଭୁତ ନାହାନ୍ତି ସ୍ୱବତ୍ସଳତା,
ସୁଖୀ ହେଉଛନ୍ତି ପିଲେ ପାଇ ଅନ୍ୟ-ମୋହ-ମମତା,

ତାର ନିଜ ରାଜ୍ୟ ସିଂହାସନ, ତହିଁ ସେହୁ ନ ବସେ,
ଇତର ଶ୍ରୀଧର ତାର ଅଧିକାରେ ରସି ଉଲ୍ଲସେ;

Digitized by srujanika@gmail.com

ସମସ୍ତେ ନିମଜ୍ଜି ଥାଆନ୍ତି ଆନନ୍ଦ ମହାସାଗରେ—
ବିଲୋକିଲା ଏହି ଦୃଶ୍ୟ ଅଶ୍ରୁସିକ୍ତ ନିଜ ନୟନରେ
ମରିଯାଇ ପୁଣି ଜୀଇଲା ବସନ୍ତ;---ଶୁଣା ଅପେକ୍ଷା
ଅତି ବଳୀୟାନ ଅଟଇଟି ଏହି ଜଗତେ ଦେଖା—

ଶୁଣିଥିଲା ଯାହା ବୁଢ଼ୀ ମୁଖୁଁ ଆଗେ ହୋଇଲା ସତେ,
କିନ୍ତୁ ଯେବେ ତାହା ଦେଖା ଗଲା ନିଜ ନୟନ ପୁରତେ,
ଥରିଲା ତା ଦେହ, ବେଗେ ଧକଧକ ମାରିଲା ହିଆ,
ଘୋଟିଲା ଅନ୍ଧାର ନୟନେ, ନୋହିଲା ହେବାକୁ ଠିଆ ।
ଗୁଳିଗଲା ବଳ ସବୁ; ତଳେ ପଡ଼ିଯିବ, ଏ ଡରେ
ସେ ଅମ୍ବଗଛର ଶାଖାଟିକି ଦୃଢ଼େ ଧରିଲା କରେ;
ଘଡ଼ନ୍ତା ପ୍ରଳୟ ଗର୍ଜନ ସଦୃଶ ଘୋର ଚିତ୍କାର,
କିନ୍ତୁ ଭାଙ୍ଗିଯିବ ସେ କୁଟୁମ୍ବ ପରିତୋଷ ଜୁଆର,
ଘଟିବ ବ୍ୟାଘାତ ତାଙ୍କ ଅବ୍ୟାହତ ସୁଖ ଜୀବନେ,
ଏହି ଭୟେ କଣ୍ଠେ ଆବଦ୍ଧ ରଖିଲା କେତେ ଯତନେ ।

ଆଉ ସେହିଠାରେ ନ ରହି ବସନ୍ତ ଉଦ୍ବିଗ୍ନ ମନେ
କାନ୍ଥ ଧୀରେ ଧୀରେ ହାତେ ଧରି ଧରି ଶ୍ଲଥ ଗମନେ
ନିଃଶବ୍ଦେ ଧୀରେ, ପ୍ରବେଶି ଆଶ୍ରମ ପଛ ଦୁଆରେ,
ଯାଇ ପହଞ୍ଚିଲା ବିପୁଳ ଅବନୀ ପୃଷ୍ଠେ ବାହାରେ ।
ଭଗ୍ନ ପ୍ରାଣେ ଜୀର୍ଣ୍ଣ ଦେହେ ଥିଲା ଯେଉଁ ବଳ ତାହାର
ତା ବି ଉଡ଼ିଗଲା କ୍ରମେ ସବୁ ଅଙ୍ଗ ହେଲା ନିଃସାର;
ମନ ମାରି ପାଦ ଗଣି ବାହାରିଲା ଅତି ବିକଳେ,
ବ୍ୟଥା ଅସମ୍ଭାଳେ ଦଣ୍ଡବତ ପଡ଼ିଗଲା ଭୂତଳେ ।

Digitized by srujanika@gmail.com

ଯେଉଁ ଅଶ୍ରୁବାର ଗୁମ୍ଫିତ ଥିଲା ତା ନେତ୍ର ଯୁଗଳେ,
ଯେଉଁ ଆକ୍ରନ୍ଦନ ଅରବ ନିରୁଦ୍ଧ ନୀରବ ଗଳେ,

ଯେଉଁ ଦୁଃଖରାଶି ଅବଦ୍ଧ ଯତନେ ଗୁପ୍ତ ହୃଦୟେ,
ସେ ସମସ୍ତ ପୂରି ଉଠିଲା ସହସା ସେହି ସମୟେ ।
"ହେ ପରମେଶ୍ୱର, ଭକତବତ୍ସଳ, କୃପାସାଗର,
ସେ ନିର୍ଜନ ଦ୍ୱୀପେ ଦୀର୍ଘ ନିର୍ବାସନ କାଳେ ମୋହର,
ଥିଲ ହେ ସର୍ବଦା ମୋର ଏକମାତ୍ର ସହାୟ ସଖା,
ହେ ଜଗଦୀଶ୍ୱର, ଏବେ ମଧ୍ୟ ମୋତେ କର ହେ ରକ୍ଷା,
ଅଉ କିଛି ମାସ କାଳ ଏଥୁ ମୋର ଅଜ୍ଞାତ ବାସେ,
ଅପାର କରୁଣା ବହି ଏ ତୁମ୍ଭର ଚରଣଦାସେ ।
କିବା ନିଦାରୁଣ ଏ ବେଦନା ମୋର ନ ହୁଏ ସହି,
ଶିଥିଳ ଅଶକ୍ତ ମୋ ହୃଦ କେମନ୍ତେ ପାରିବ ବହି ?

ସେ ଦ୍ୱୀପରୁ ମୋତେ ସ୍ୱଦେଶକୁ ଆଣିଥିଲ କିପାଇଁ ?
ରହନ୍ତି ଅଚିହ୍ନା ଏହିପରି ଦୁଃଖ ଭୋଗନ୍ତି ନାହିଁ ।
ଏ ଦୁର୍ବଳ ପ୍ରାଣେ ପ୍ରଭୁ ଦିଅ ବଳ, ଶକ୍ତି କ୍ଷମତା,
ଯେପରି ଜାଣିବ ନାହିଁ ନିର୍ମଳାକୁ କେବେ ମୋ କଥା,
ଯେପରି ବ୍ୟାଘାତ ଦେବ ନାହିଁ ଶାନ୍ତି-ସୁଖେ ତାହାର;
ମୋ ପ୍ରିୟ ସନ୍ତାନ—କୁମାରୀ ମାପରି, ଅଉ କୁମାର
ଠିକେ ବାପା ପରି !—ଅହା ! ମୋତେ ଅଦୌ ଜାଣନ୍ତି ନାହିଁ,
କିପରି ବା ତାଙ୍କ ସଙ୍ଗତେ ଭାଷିବି ଆପେ ଜଣାଇ ?
ନାହିଁ ଆଉ ମୋର ପିତୃ-ବତ୍ସଳତା, ପିତୃ-ଚୁମ୍ବନ;
ନ ଜାଣନ୍ତୁ ମୋତେ ସେମାନେ ଯାପନ୍ତୁ ସୁଖେ ଜୀବନ ।"

Digitized by srujanika@gmail.com

କ୍ରମେ ଭାଙ୍ଗିଗଲା ତାର ଏହିରୂପ ମନ-ଭାବନା,
ସ୍ତବ୍ଧ ହେଲା ଏକାବେଳକେ ତାହାର ଅଙ୍ଗେ ଚେତନା ।
ମୂର୍ଚ୍ଛା ଯାଇ କିଛି କାଳେ ପାଇଲା ସେ ଅଳ୍ପେ ଚେତନା
ବାଟେ ଯାଉ ଯାଉ ମାନସ ଘାଣ୍ଟିଲା ସେହି ଭାବନା
"ନିର୍ମଳାକୁ କେବେ ମୋହର ବୃତ୍ତାନ୍ତ କହିବି ନାହିଁ ।"
ବସନ୍ତର ଯିବା ବାଟଯାକ ଏକା ଏହି କଥାହିଁ
ତାର ଭଙ୍ଗା ହୃଦ-ବୀଣାର ଅଟଳ ସଂକଳ୍ପ ତାରେ
ବାଜୁଥିଲା ବାରମ୍ବାର ସ୍ମରଣ ଗୀତ ଘୋଷା ପ୍ରକାରେ ।
ସୁଦୃଢ଼ ପ୍ରତିଜ୍ଞା, ଜଗତ-ଈଶ୍ବର-ବିଶ୍ବାସ-ଭକ୍ତି
ଭଅଇଲା ତାର ଜୀର୍ଣ୍ଣ ହୃଦେ ନବ ଉତ୍ସାହ ଶକ୍ତି ।
ପଚାରିଲା ଦିନେ ଗୋସ୍ବାମୀକି, "ସେ ଜମିଦାରଙ୍କ ସତୀ,
ଯାର କଥା ମୋତେ କହିଥିଲ, ସେ ଯେ ତା ଆଗପଛ
ଜୀଇଁ ଥିବ ବୋଲି କେବେ କିଛି ପାଏ ନାହିଁକି ଡର ?"
ଏହି କଥା ଶୁଣି ହସି ଦେଇ ଗୋସ୍ବାମୀ ଦେଲା ଉତ୍ତର;
"ଆଉ କି ଦୁଃଖ ବା ଡର ! ବସନ୍ତର ମୃତ୍ୟୁବାରତା
ଯଦି କେ ଆଣିବ, ତାହିଁ ନିର୍ମଳାର ସୁଖର କଥା ।"
ଭାବିଲା ବସନ୍ତ, "ଜଟିବେ ପ୍ରଭୁଙ୍କ ଆହ୍ବାନ ପାଇଁ,
ଜାଣିବ ସେ, ଯେବେ ପରଲୋକ ଯିବି ପ୍ରଭୁଙ୍କୁ ଧାଇଁ ।"
ସେ ଦିନ ବସନ୍ତ ପରିଗ୍ରହି ଦୃଢ଼ ସଂକଳ୍ପ ଦୀକ୍ଷା,
ଅନାଦରେ ଦୂରେ କରି ଅକର୍ମଣ୍ୟ-ସୁଲଭ ଭିକ୍ଷା,
ଯେଉଁ ସବୁ କାମ ଜାଣିଛି, କରଇ ସେ କର୍ମବୀର,
ଚାହିଁ ଲଭିବାକୁ ଅପାର ଜୀବନ ସାଗର ତୀର ।

Digitized by srujanika@gmail.com

ମହାଯାତ୍ରା

ପାହିଲଣି ରଜନୀ, ପ୍ରଭାତିଲଣି
କୁକ୍କୁଟ-ଭୃଙ୍ଗକଣ୍ଠ-ତ୍ରିଭଙ୍ଗୀବାଣୀ,
ସକଳ ପକ୍ଷି-କୁଳ-ଉନ୍ମୁଳ ଧ୍ୱାନ,
ଶାଶ୍ୱତ ସିନ୍ଧୁ ବୀଚୀ-ଶାଶ୍ୱତ-ଗାନ,
ସବୁ ମିଳି ବସନ୍ତ ଶ୍ରବଣେ ବାଜି
ବର୍ଷିଇ ନବ ସୁଧା ଅପାର ଅଜି ।
"ଆସ, ଆସ, ଅତୀତ ପାସୋର ଯାଉ,
ଆସ ଶୀଘ୍ର, ଉଚ୍ଛୁର ନଶ୍ୱର ଆଉ," ୧୨୩୦

ଏ ଶୁଭ ଆମନ୍ତ୍ରଣ ପଶ୍ୱପୃରଙ୍କ,
ବସନ୍ତ, ଭବଦ୍ୱାର-ମୋଚନ-ରଙ୍କ,
ସେ ମହାକୋଳାହଳେ କଲା ଶ୍ରବଣ
କରି ରୋମାଞ୍ଚି ଦେହ ଉତ୍ସନ୍ନ ମନ ।
ଶଷ୍ଟ୍ରୁ ପଦ-ମଣ୍ଡିତ ତାରକା ପନ୍ତି
ପଞ୍ଚର ପଥେ ଶୁଭ୍ର ତେଜେ ଦଶନ୍ତ

Digitized by srujanika@gmail.com

ଢର ନିର୍ଦ୍ଦେଶି ଅବା ଅଙ୍ଗୁଳିକଟ୍ଟୁଳେ
ଡାକନ୍ତି ତାକୁ, କିବା ଈଶ୍ବର ଚରେ ।
ଶର୍ବରୀ-ଅନ୍ଧକାର-ସଞ୍ଚୟ-ଗ୍ରାସି-
ସୁନ୍ଦର-ଶ୍ବେତ-ଶୋଭା-ସମ୍ପଦ-ରାଶି

ଯଥା ସ୍ଫୁରଇ ପ୍ରାଚୀ-ଦିଗ ଅଙ୍ଗଣେ,
ତଥା ନିକଟ-ଭାବି-ଲଭ୍ୟ ମରଣେ
ଦେଖେ ଅଖିଳ-ଖେଦ-ବେଦନା-କ୍ଷୟ,
ବସନ୍ତ, ନବ-ସୁଖ-ଜୀବନୋଦୟ ।

ଜୀବନ-ତମୋମୟ-ଶର୍ବରୀ-ଅନ୍ତେ
ମୃତ୍ୟୁ-ପ୍ରଭାତ-କାଳ ପାଖ ହୁଅନ୍ତେ,
ଏକମାତ୍ର ଭରସା-କିରଣ-ରେଖା
ବସନ୍ତର ମାନସେ ଦେଇଛି ଦେଖା ।
ଯାବତ ପ୍ରାଣ ବନ୍ଧୁ ରହିଛି ଦେହ,
ନିର୍ମଳା ପ୍ରତି ତାର ଅଚଳ ସ୍ନେହ

ରହିଛି—ଏକଥା ସେ ଜାଣିବ ବେଶ,
ଏତିକି ତା ଅନ୍ତିମ ଆଶାବଶେଷ ।
ଉଇଁଲାଣି ପୂର୍ବ ଦିଗେ ତରଣି,
ବାଳାଂଶୁ ସ୍ବର୍ଣ୍ଣ ରସେ ପ୍ଲାବି ଧରଣୀ;
ଭାବିଲା ବସନ୍ତ, "ଏ ଲୋକ ବାନ୍ଧବ,
ମୋ ମିତ୍ର, କରନ୍ତି ମୋ ନୟନୋତ୍ସବ;
ଡାକନ୍ତି ନବରାଗେ କର ବଢ଼ାଇ,
ଅବଶ୍ୟ ଯିବି, ଅଉ ରହିବି ନାହିଁ ।"

Digitized by srujanika@gmail.com

ନିର୍ବାସନରୁ ଫେରି ଆସିଲା ବେଳେ
ତାର ହୃଦ-ସାଗରେ ପୂର୍ବ ଉଦ୍ବେଳେ

ଖେଳିଲା କେତେ ଦିବ୍ୟ ସୁଖ କଳ୍ପନା,
ନାଚିଲା କେତେ ମଧୁମୟ କାମନା !
କିନ୍ତୁ ତାପାଇଁ କିବା ଦୁଃଖର କଥା
ଅପେକ୍ଷା କରୁଥିଲା, କି ଘୋର ବ୍ୟଥା !

କି ହେଲା ଗୁରୁ ଦୁଃଖୁଁ ପାଇ ଉଦ୍ଧାର,
ଗୁରୁତର ଦୁଃଖ ହିଁ ଫଳ ତାହାର ।
ଅଚଳ ପ୍ରତିଜ୍ଞାରେ ଦୁଃଖର ଶାନ୍ତି
ଧଇର୍ଯ୍ୟ ଧରି ଲଭେ ଯାଇଲା ଶାନ୍ତି ।

କରୁ ନ ଥିଲା କିଛି ସ୍ୱାର୍ଥ ସକାଶେ,
ଆଚରୁଥିଲା ସେହୁ କର୍ମ ନିସ୍ପୃହେ,

ନ ଥିଲା ଉତ୍ତେଜନା କାର୍ଯ୍ୟ କଳାପେ,
ଜୀବନ ହେଲା ତାର ନିସ୍ତେଜ ଅପେ;
ବର୍ଷେ ହେଲା କି ନାହିଁ ସେ ଫେରି ଆସି,
ଧରିଲା ମହାବ୍ୟାଧି ତାହାକୁ ଗ୍ରାସି;
ବସନ୍ତ ଅଜ ମୃତ୍ୟୁ-ଶଯ୍ୟା-ଶୟାନ,
ମହାଯାତ୍ରା-ଉତ୍ସୁକ ତାହାର ପ୍ରାଣ ।
ସୂର୍ଯ୍ୟଉଦୟବେଳେ ଗୋସ୍ୱାଙ୍କ ପାଶେ
ଡାକି କ୍ଷୀଣ କଣ୍ଠରେ ବସନ୍ତ ଭାଷେ
“ଗୋ ବୁଢ଼ୀ, ଏକ ଗୁପ୍ତ କଥା ମୋହର
ଅଛି, କହିବି ଏବେ ଶ୍ରବଣ କର;

Digitized by srujanika@gmail.com

କିନ୍ତୁ ପ୍ରଭୁଙ୍କ ନାମେ ଋଣ ପକାଇ
ଅଉ କାହାକୁ ତାହା କହିବ ନାହିଁ,
ନେବେ ଦେଖିବା ଯାଏ ମରଣ ମୋର ।”
ଶୁଣି କହିଲା ବୁଢ଼ୀ, “ଏ କଣ, ଘୋର
ଅମଙ୍ଗଳ ବଚନ ! ସମ୍ଭାଙ୍କୁ ଥାଉଁ
ମରଣ କଣ ? ବୃଥା ଏ ଡ଼ର କାହିଁ ?
ଅମ୍ଭେ ସମସ୍ତେ ଅଛୁଁ, ଦେଖ ତୁମ୍ଭର
ଭଲ ହେବ ତୁରତେ, ଚିନ୍ତା ନକର ।
“ପକାଅ ଋଣ ଆଗେ ପ୍ରଭୁ ନାମରେ !”
ଏ କଥା ସେ ମୁମୂର୍ଷୁ କର୍କଶ ସ୍ୱରେ
ବୋଲନ୍ତେ, ଆଉ କିଛି ନକହି ନାସେ
ପ୍ରଭୁଙ୍କ ନାମେ ଋଣ ପକାଇଲା ସେ ।

“ଜାଣ କି, ଗୋସ୍ୱା, ପୂର୍ବେ ଏ କ୍ଷୁଦ୍ର ଗ୍ରାମେ
ଥିଲା ନାବିକ ଜଣେ ବସନ୍ତ ନାମେ ?”
ଘଟୁରିଲା ବସନ୍ତ ଆଖି ଘୂରାଇ,
ଅଦ୍ଭୁତ ହୃଷେ ତାର ମୁଖେ ଅନାଇ ।

କହଇ ବୁଢ଼ୀ ଅଳ୍ପ ଭାବିଲା ପରେ
“ସେ କି ? ହଁ, ଜାଣେଁ ବହୁ ବର୍ଷ ପୂର୍ବରେ ।
ଅଦ୍ୟାପି ସ୍ପଷ୍ଟ ରୂପେ ହୁଏ ଗୋଚର
ମୋ ସ୍ମୃତି ପଥେ ମୂର୍ତ୍ତି ସେ ବସନ୍ତର;
କେଡ଼େ ଉନ୍ନତ ଦେହ, କି ତେଜଃଶାଳୀ,
କେଡ଼େ ସୁନ୍ଦର ତାର ସଗର୍ବ ଚାଲି !

Digitized by srujanika@gmail.com

ଦେଖିଥିଲି ତାହାଙ୍କୁ ଅନେକ ବାର,
ଅସନ୍ତେ ଏହି ବାଟେ ବୀର କୁମାର ।
ଭ୍ରୂକ୍ଷେପ କରେ ନାହିଁ ତାହାଙ୍କୁ ଦେଖି,
ଚାଲଇ ସଦାମଥା ଉନ୍ନତେ ଟେକି ।"

"ଅନ୍ୟ ସେବତ ତାର ଉନ୍ନତ କାହିଁ ?
ଅବନତ ତା ଶିର ଅଜ; କେ ନାହିଁ
ପଚାରିବାକୁ ତାଙ୍କୁ; ଅଉ ମୋ ପ୍ରାଣ
ରହିବ ନାହିଁ ବେଶି ସମୟ; ଜାଣ,
ମୁଁ ସେ ବସନ୍ତ" ବୋଲି ସେ କହି ଦେଲା,
ଗୋପୀ ଶୁଣି ବିସ୍ମୟେ ମୂର୍ଚ୍ଛିତା ହେଲା ।

"ଏ କଣ ଅସଙ୍ଗତ କଥା ଏମନ୍ତ ?
ତୁମ୍ଭେ କି, ସତେ ତୁମ୍ଭେ କି, ସେ ବସନ୍ତ ?
ନା, ନା, ଏକଥା କେବେ ନୁହଇ ସତ,
ତୁମ୍ଭଠାରୁ ସେ ଥିଲେ ବେଶି ଉନ୍ନତ ।"

"ଚିରକାଳ ଏକାକୀ ବିଷାଦେ ମଗ୍ନ
ପ୍ରାଣ, ଶରୀର ମୋର ହୋଇଛି ଭଗ୍ନ ।
ସେ ଉନ୍ନତିରୁ ମୋର ଏ ଅବନତି,
ମୋ ପ୍ରଭୁଙ୍କ ଆଦେଶେ ଏହି ମୋ ଗତି ।

ଯାହା ହେଉ ଏକଥା ବିଶ୍ୱାସ କର,
ଯେଉଁ ନାରୀକୁ ବାହା ହେଲା ଶ୍ରୀଧର,
ସେ ଥିଲା ମୋର ପତ୍ନୀ; ସବୁ ଉଦନ୍ତ
କହିବି, ବସି ଶୁଣ," ବୋଲି ବସନ୍ତ

Digitized by srujanika@gmail.com

ବଖାଣିଲା ସମୁଦ୍ର ଯାତ୍ରା ପ୍ରକାର,
ନଉକାଭଙ୍ଗ, ପ୍ରାଣରକ୍ଷା ତାହାର,
ନିର୍ଜନ ଦ୍ୱୀପେ ଦୀର୍ଘ ନିରବାସନ,
ପରଶେଷେ ସ୍ୱଦେଶ-ପ୍ରତ୍ୟାବର୍ତ୍ତନ,
ନିର୍ମଳ ବଦନର ଅବଲୋକନ,
ନିଜ ପ୍ରତିଜ୍ଞା, ଅଉ ତାର ପାଳନ ।

ଶୁଣୁଁ ଶୁଣୁଁ ବୃଦ୍ଧୀର ନେତ୍ରୁଁ ବାହାର
ବହିଗଲା ସୁଲଭ ଲୋତକ ଧାର,
ବାହୁଡିଲା ବସନ୍ତ, ଏହି ବାରତା,
ଭୋଗିଲା ଯେଉଁ ଦୁଃଖ ସେ ସବୁ କଥା
ଗାଁ ଯାକ ଧାଇଁ ଯାଇ ଅତି ସତ୍ୱର
ରଟିବାର ଉତ୍କଣ୍ଠା ହେଲା ପ୍ରବଳ ।

ମନେ ପଡ଼ିଲା ସ୍ୱପ୍ନ କଥା, ଝରଣି
ଦୁଃଖେ କହିଲା ଧୀରେ ବସନ୍ତ ପ୍ରତି:
"ଅହେ ବସନ୍ତ, ତୁମ୍ଭ ପିଲଙ୍କୁ ଥରେ
ଦେଖ, ପରଶି ଥାଉଁ ନିଜ ନେତ୍ରରେ,

ଏହି କ୍ଷଣି ତାହାଙ୍କୁ ଆଣିବି," କହି
ଉଠିଲା ଗୋଟି ମନେ ଔତ୍ସୁକ୍ୟ ବହି ।
କିନ୍ତୁ ମୁମୂର୍ଷୁ ତାକୁ ବାରଣ କରି

ଧୀରେ କହିଲା ଶେଷ କଥା ଏପରି:
"ମା ଲୋ, ଆସନ୍ନ ମୋର ଅନ୍ତିମ କ୍ଷଣ,
ବ୍ୟାକୁଳ କର ନାହିଁ ଏବେ ମୋ ମନ;

Digitized by srujanika@gmail.com

ମରଣଯାଏ ମୋର ସ୍ଥିର ସଂକଳ୍ପ
ପାଳିତ ହେଉ, ନୋହୁ ତାର ବିକଳ୍ପ ।
କ୍ଷୟିଣ ଶକ୍ତି କ୍ଷୀଣ ହୁଏ ମୋହର
କହେଁ ଯାହା ବକ୍ତବ୍ୟ; ଶ୍ରବଣ କର,
ସୁସ୍ଥ ହୋଇଣ ବସି, ମନୋ ନିବେଶ
କରି ପାଳନ କର ଅନ୍ତ୍ୟ ସନ୍ଦେଶ ।

"ଯେବେ ଦେଖିବ ତାକୁ, ଏକଥା କହ,
ଶୁଭ ଆଶିଷ ଦେଇ ଅନ୍ତର ସହ,
ତା ସୁଖ ଅଶେଷ କର ପ୍ରଭୁଙ୍କୁ ଧ୍ୟାନ,
ତା ପ୍ରତି ପ୍ରେମ ବନ୍ଧ ତେଜିଲି ପ୍ରାଣ;
ଆମ୍ଭ ଦୁହିଙ୍କ ମଧ୍ୟେ ଥାଉ ଦୂରତା,
କମିନାହିଁ କଦାପି ସ୍ନେହ-ମମତା,
ଅଦ୍ୟାବଧି ସୁଦୃଢ଼ ସେବକ ପରି,
ଯେବେ ସେ ଶୋଇଥିଲା ପାଶେ ମୋହରି ।
ମୋହର ହିଅ, ସେହିକାଳେ ଯାହାର
ଥିଲା ଠିକେ ଜନନୀ ପରି ଅଧିକାର,
କହିବ ତାକୁ ମୋର ଆଶିଷ ଶତ,
ମୋର ଅନ୍ତିମ ଶ୍ୱାସ ଯେବେ ନିର୍ଗତ ।
କହିବ ମୋ ପୁଅକୁ ଆଶୀର୍ବଚନ
ସୁଖେ ମୁଁ ଛାଡ଼ୁଅଛି ଦୀନ ଜୀବନ
ଅଉ ଯେ ମୋ କୁଟୁମ୍ବ ଶ୍ରେୟୋଽଭିଳାଷୀ,
ମୋହର ଅନ୍ତରିକ ଆଶିଷ ରାଶି,

Digitized by srujanika@gmail.com

ତାଙ୍କୁ କହିବ ମୃତ୍ୟୁ ସମ୍ବନ୍ଧେ ମୋର,
କହୁ ଶିଖିଧରଙ୍କୁ, ନାହିଁ ପାସୋର ।

ଜାଣି ନାହାନ୍ତି ମୋତେ କେବେ ଜୀବନେ,
ଯଦି ଦେଖି ବାଞ୍ଛୁଥିବେ ଏବେ ମରଣେ,
ଅସନ୍ତୁ ପାଶେ ମୋର ପୁତ୍ର ଦୁହିତା,
ଅଟଇ ସିନା ମୁହିଁ ତାହାଙ୍କ ପିତା ।
ମାତ୍ର ଆସିବ ନାହିଁ ସେ ମୋ ସମୀପ
ଲିଭିବ ଯେବେ ମୋର ଜୀବନ ଦୀପ;

ତା ଉତ୍ତର ଜୀବନେ ଘଟିବ ଦୁଃଖ,
ଦେଖିବ ଯଦି ନାହିଁ ମୋ ମୃତ ମୁଖ ।
ଆଉ ଜଣେ ଅଛି ମୋ ପ୍ରିୟ ନନ୍ଦନ,
ପ୍ରତୀକ୍ଷା କରୁଥିବ ମୋ ଆଗମନ;

ତାହାଙ୍କୁ ପର ଲୋକେ ଭେଟିବ ଯାଇ,
ସେ ମୋତେ ଆଲିଙ୍ଗିବ ଆନନ୍ଦ ପାଇ ।”
ପୂର୍ଣ୍ଣ କଲା ବସନ୍ତ ତାର ସନ୍ଦେଶ,
ଶୁଣିଲା ଗୋପୀ ଜର ମନୋନିବେଶ;
“ଯେଉଁ ଇଚ୍ଛା ତୁମ୍ଭର, ସେହି ପ୍ରକାରେ
କରିବି ନିଶ୍ଚେ ତୁମ୍ଭ ମୃତ୍ୟୁ ଉତ୍ତରେ,
ଆଉ କିଛି ମାନସେ ଚିନ୍ତା ରଖ ନା,
ପେଣ୍ଠାଇବ ସମ୍ପୂର୍ଣ୍ଣେ ତୁମ୍ଭ କାମନା ।”

ତାର ଏ ପ୍ରତିଶ୍ରୁତି ଶ୍ରବଣ କରି
କ୍ଷଣ ମାତ୍ର ବସନ୍ତ ମଉନ ଧରି

Digitized by srujanika@gmail.com

ପୁଣି ସବୁ ସନ୍ଦେଶ କହିଲ ବାରେ,
ପୁଣି କଲ ବାଗ୍‌ଦାନ ଗୋପୀ ଶ୍ରଦ୍ଧାରେ ।

ଚାଲିଲ ତିନି ଦିନ—ସେହି ନିଶାରେ
ବସନ୍ତ ପଡ଼ିଅଛି ସୁପ୍ତ ଦଶାରେ;
ସମସ୍ତ ଅବୟବ ଅତି ନିଶ୍ଚଳ,
ତେଜୋ-ବିହୀନ ତାର ମୁଖମଣ୍ଡଳ,
ନିମୀଳିତ ନୟନ—ତାହାର ପାଶେ
ଜଗିଛି ଗୋପୀ ଶେଷ କ୍ଷଣ ସକାଶେ ।
ସେ ନିଃଶବ୍ଦେ ନିଶୀଥେ ଅକସ୍ମାତ
ଭୀଷଣ ରବେ ସିନ୍ଧୁ ଗରଜୁ ଜାତ

ଶୁଭି ଆସିଲ ଏକ ବୃହତ ଡାକ,
ଯେପରି କମ୍ପିଗଲ ଗ୍ରାମ ଗୋଟାକ ।
ଜାଗି ଉଠିଲ ସେହୁ ଆଗକୁ ଚାହିଁ
ହାତ ଦୁଇଟି ଜୋରେ ଦେଲ ବଢ଼ାଇ ।
ଡାକିଲ ଉଚ୍ଚ କଣ୍ଠେ ଶକ୍ତିକି ବଳି,
"ଏହିଟି, ନାବ, ନାବ, ମୁଁ ବଞ୍ଚିଗଲି !"
ସେହି କ୍ଷଣି ପୁଣି ସେ ପଛକୁ ଢଳି
ଏକାବେଳକେ ଶେଯେ ପଡ଼ିଲ ଢଳି ।

Digitized by srujanika@gmail.com

ନ ଥିଲା ତାର ଅଙ୍ଗେ ଲବେ ଚନ୍ଦନ,
ନ ଥିଲା ତାର ତୁଣ୍ଡେ ଅବା ଭୂଷଣ । ୧୪୧୦

—ସମାପ୍ତ—

ବ୍ରହ୍ମପୁର ଶିରୋମଣି ପ୍ରେସ୍‌ରେ ଶ୍ରୀ ଅନନ୍ତ ତ୍ରିପାଠି ଶର୍ମାଙ୍କ ଦ୍ୱାରା
ମୁଦ୍ରିତ । ୧୯୫୩ ।

Digitized by srujanika@gmail.com

For Copies Apply to—

Sri V. Venkateswarlu, B. A., B. Ed.,

BHUPATI STREET,

JEYPORE (Koraput).

Digitized by srujanika@gmail.com